## ଗୋଧି ଚମଡ଼ା ଜବତ, ୨ ଗିରଫ



ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଏକ ଟିମ୍ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଣ୍ଡାକଟି ଗ୍ରାମର ରମାନିଧି ଭୋଷ (୫୨) ଓ କ୍ଷମାନିଧି ପ୍ରଧାନ (୩୫)। ସେମାନଙ୍କ ନିକଟରୁ ଗୋଧି ଚମଡା, ସମ୍ବର ସିଙ୍ଗ ଓ ମୋବାଇଲ ଫୋନ ଜବତ ହୋଇଛି। ଅଭିଯୁକ୍ତମାନେ ଜଙ୍ଗଲ ଭିତରକୁ ଗାଈ ଚରାଇବାକୁ ଯାଇ ବିଭିନ୍ନ ବନ୍ୟପ୍ରାଣୀ ଶିକାର କରନ୍ତି। ଗୋଧି ଶିକାର କରି ଚମଡା ଶୁଖାଇବାକୁ ରଖିଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ପହଞ୍ଚି ସେମାନଙ୍କୁ କାବୁ କରିଥିଲା।

## ସଂକ୍ଷେପରେ

### ଓରାମପଡ଼ାକୁ ରାସ୍ତା ନିର୍ମାଣ ଦାବି



**ରେଢାଖୋଲ,୧୭।୯(ଡି.ଏନ.ଏ.):** ରେଢାଖୋଲ ବ୍ଲକ ବୁର୍ଡା ପଞ୍ଚାୟତର ବନ୍ତଲୋଇ ଗ୍ରାମ ଓରାମପଡାକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ମର୍ମରେ ସେମାନେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ଏହି ପଡାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ସବୁଦିନିଆ ରାସ୍ତାଟିଏ ଆଜି ପର୍ଯ୍ୟନ୍ତ ନାହିଁ। ପଡାବାସୀ ଦୀର୍ଘ ୫୦ବର୍ଷ ହେବ ଯେଉଁ ରାସ୍ତାରେ ଯିବାଆସିବା କରୁଥିଲେ ତାହା ଅନ୍ୟ ଗ୍ରାମବାସୀଙ୍କ ରେକର୍ଡ ଜାଗା ଥିବାରୁ ବନ୍ଦ କରିଦେଇଛନ୍ତି। ଫଳରେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗ୍ରାମକୁ ଏକ ସବୁଦିନିଆ ରାସ୍ତା ନିର୍ମାଣ କରାଯାଉ। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ସୁରେଶ ଲୁଗୁନ, ପ୍ରଫୁଲ୍ଲ ଦେହୁରି, ସିଲବାନୁସ କେରକେଟା, ପ୍ରକାଶ ଲୁଗୁନ, ଅନୁପ ବାଗେ, ରବର୍ଟ ଲୁଗୁନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାର ନକଲ ବିଡିଓ ପରିକ୍ଷିତ ସାହୁ ଓ ସମ୍ବଲପୁର ଜିଲାପାଳଙ୍କୁ ଦେଇଥିବା ଗ୍ରାମବାସୀ କହିଛନ୍ତି।

### ଜିଲା ଯୁବ କଂଗ୍ରେସର ବେରୋଜଗାର ଦିବସ

**ଝାରସୁଗୁଡ଼ା ଅଫିସ,୧୭।୯:** ଯୁବକଂଗ୍ରେସ ତରଫରୁ ସାରାଦେଶରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସକୁ ବେରୋଜଗାର ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଝାରସୁଗୁଡା ଜିଲା ଯୁବକଂଗ୍ରେସ ତରଫରୁ ଜିଲା ସଭାପତି ଶୈଳେଶ ତିୱାରୀଙ୍କ ନେତୃତ୍ୱରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ଏହି ଦିବସ ପାଳନ କରାଯାଇଥିଲା । ଏଥିରେ ଦଳୀୟ ନେତୃବୃନ୍ଦ ବ୍ୟାନର ଓ ପୋଷ୍ଟର ଧରି କେନ୍ଦ୍ର ଭାଜପା ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ନିଯୁକ୍ତି ଯୋଗାଇ ଦେବା କ୍ଷେତ୍ରରେ କେନ୍ଦ୍ର ଭାଜପା ସରକାର ଦେଶବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏଥିରେ ବିଫଳ ହୋଇଛନ୍ତି। ସାରାଦେଶରେ ବେରୋଜଗାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯେଉଁମାନେ ରୋଜଗାର କରୁଥିଲେ ସେମାନେ ବିଭିନ୍ନ କାରଣରୁ ରୋଜଗାର ହରାଉଛନ୍ତି। ଆଗାମୀ ଦିନରେ ଏହାର ପ୍ରତିକାର ନ ହେଲେ ଯୁବକଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଯୁବକଂଗ୍ରେସ ସଭାପତି ତିୱାରୀ, ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ତୀ, ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଜୀବନ ସାର୍ଥକ ଦାସ, ମାନବ ଘୋଷ, ପ୍ରଶାନ୍ତ ତ୍ରିପାଠୀ, ତାହିର ଖାନ୍ ପ୍ରମୁଖ ସାମିଲ ହୋଇଥିଲେ ।



କଂଗ୍ରେସ କର୍ମକର୍ତ୍ତା ବସ୍‌ଷ୍ଟାଣ୍ଡ ଗାନ୍ଧୀ ମୂର୍ତ୍ତି ନିକଟରେ ବିକ୍ଷୋଭ କରୁଛନ୍ତି।

# ‘ଜୈବିକ, ଅଣଧାନ ଚାଷକୁ ପ୍ରୋତ୍ସାହନ ଦିଅ’

**ସମ୍ବଲପୁର,୧୭।୯(ବ୍ୟୁରୋ)**



ଆଦର୍ଶ ସ୍କୁଲ ଶ୍ରେଣୀକକ୍ଷରେ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି ସିଇଓ ପ୍ରେମଚାନ୍ଦ ଚୌଧୁରୀ।

**ଡବ୍ଲ୍ୟୁଓଡିସି ସିଇଓଙ୍କ ଦିନିକିଆ ସମ୍ବଲପୁର ଗସ୍ତ**

■ ଆଦର୍ଶ ସ୍କୁଲ, ଡବ୍ଲ୍ୟୁଓଡିସି ଅନୁଦାନ ଉପରେ ସମୀକ୍ଷା

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ତଥା ଆଦର୍ଶ ବିଦ୍ୟାଳୟ ମୁଖ୍ୟ ପରିଚାଳକ ପ୍ରେମଚାନ୍ଦ ଚୌଧୁରୀ ଦିନିକିଆ ସମ୍ବଲପୁର ଜିଲା ଗସ୍ତରେ ଆସି ଧନକଉଡା ଓ ରେଙ୍ଗାଲି ବ୍ଲକରେ ଆଦର୍ଶ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶତପ୍ରତିଶତ ପରୀକ୍ଷା ଫଳ ଯେମିତି ହେବ ସେ ନେଇ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ସ୍କୁଲଗୁଡିକରେ ଆବଶ୍ୟକ ଭିତ୍ତିଭୂମି କାମ ଶୀଘ୍ର ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ନିର୍ମାଣକୁ ଗୁରୁତ୍ୱ ଦେବାକୁ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ କହିଥିଲେ। ରେଢାଖୋଲ ବ୍ଲକରେ ଆସନ୍ତା ଶିକ୍ଷା ବର୍ଷରୁ ଆଦର୍ଶ ସ୍କୁଲ ଆରମ୍ଭ କରିବାକୁ କହିଥିଲେ। ପରେ ଝାଙ୍କରପାଲି ଗ୍ରାମରେ ମା’ ତାରିଣୀ ଏସ୍ଏଚ୍‌ଜି ପକ୍ଷରୁ ବାୟୋଫ୍ଲକ୍ସ ପ୍ରଣାଳୀରେ ମାଛ ଚାଷ ଦେଖିଥିଲେ। ମହିଳାମାନଙ୍କ ବଜାର ବ୍ୟବସ୍ଥା ଓ ଲାଭ ଉପରେ ଆଲୋଚନା କରିଥିଲେ। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ଓ ନିର୍ମାଣାଧୀନ ଆଦର୍ଶ ସ୍କୁଲ ଉପରେ ସମୀକ୍ଷା କରିଥିଲେ। ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ, ବିଡିଓ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କେତେକ ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ। ଏ ନେଇ ବିସ୍ତାର ଭାବେ ରିପୋର୍ଟ ଦେବାକୁ ତାଗିଦ କରିଥିଲେ। କୃଷି ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରି କହିଥିଲେ, ଜୈବିକ ପ୍ରଣାଳୀରେ ଚାଷ ହୋଇଥିବା ଉତ୍ପାଦିତ ଫସଲର ବଜାରରେ ଚାହିଦା ବୃଦ୍ଧି ପାଉଛି। ଅଧିକ ଦର ହେଲେ ମଧ୍ୟ ଗ୍ରାହକମାନେ ପସନ୍ଦ କରୁଛନ୍ତି। ଏହା ସହ ଅଣଧାନ ଚାଷ କିଭଳି ଅଧିକ ପରିମାଣ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଜୈବିକ ଓ ଅଣଧାନ ଚାଷ କରିବାକୁ ଇଚ୍ଛା କରୁଥିବା ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ବିହନଠାରୁ ଆରମ୍ଭ କରି ଋଣ ଦେବା ପର୍ଯ୍ୟନ୍ତ ସହଯୋଗ କରିବାକୁ କହିଥିଲେ।

## ଫଟୋରେ ଖବର



ଶୁକ୍ରବାର ସମ୍ବଲପୁର ବରେଇପାଲିସ୍ଥିତ ଧରିତ୍ରୀ ଅଫିସରେ ବିଶ୍ୱକର୍ମା ପୂଜା।

# ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ୩ ଗିରଫ

**ସମ୍ବଲପୁର,୧୭।୯(ବ୍ୟୁରୋ)**

ସମ୍ବଲପୁର ଜିଲା କତାରବଗା ଥାନା ଅନ୍ତର୍ଗତ ଗୁଲାମାଲ ପ୍ରଧାନପାଲି ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୁଲାମାଲର ପ୍ରକାଶ ପ୍ରଧାନ (୩୦)। ସୂଚନା ଅନୁସାରେ ଗୁରୁବାର ରାତିରେ ପ୍ରକାଶ ଓ ତାଙ୍କ ସାଙ୍ଗ ଧନଞ୍ଜୟ ବେହେରା (୨୬) ବିଶ୍ୱକର୍ମା ପୂଜା ସାମଗ୍ରୀ କିଣି ଘରକୁ ଫେରୁଥିବା ସମୟରେ ପ୍ରଧାନପାଲି ପୁରୁଣା ବଜାର ନିକଟରେ କେତେଜଣ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏକ ଘରୋଇ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିବା ବେଳେ ଧନଞ୍ଜୟ ଚିକିତ୍ସାଧୀନ ଅଛନ୍ତି। ସରକାରୀ ଜମିରେ ହେଲ୍‌ଥ ସବ୍‌ସେଣ୍ଟର ନିର୍ମାଣକୁ ନେଇ ଏପରି ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଦାହ କରାଯାଇଛି। ଏ ନେଇ ପ୍ରକାଶଙ୍କ ବଡ ଭାଇ ପ୍ରଶାନ୍ତ ପ୍ରଧାନ କତାରବଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୬୫/୨୧ରେ ମାମଲା ରୁଜୁକରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଧାନପାଲି ଗ୍ରାମର ଅଶୋକ ପ୍ରଧାନ (୪୦), ଭୀଷ୍ମଜିତ ଭୋଇ (୩୫) ଓ ଦୁଷ୍ମନ୍ତ ଭୋଇ (୪୩)। ଆକ୍ରମଣରେ ବ୍ୟବହୃତ ଭୁଜାଲି, ଟାଙ୍ଗିଆ ଆଦିକୁ ପୋଲିସ ଜବତ କରିଛି।

# କୃଷକ, ସୈନିକ ସମ୍ମାନ ଦିବସ ପାଳିଲା ଭାଜପା



କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାଙ୍କ ସହ ସମ୍ମାନିତ ଚାଷୀ ଓ ସୈନିକମାନେ।

**ସମ୍ବଲପୁର,୧୭।୯(ବ୍ୟୁରୋ)**

ସମ୍ବଲପୁର କଚେରି ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ କୃଷକ, ସୈନିକ ସମ୍ମାନ ଦିବସ ପାଳିତ ହୋଇଛି। ବିଧାୟକ ଜୟନାରାୟଣ ମିଶ୍ର, ସୀମାଞ୍ଚଳ ଖଟେଇ, ଚନ୍ଦ୍ର ଶେଖର ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସମୀର ବାବୁ, ଅନିଲ ବେହେରା, କର୍ଣ୍ଣେଲ ପ୍ରଭାତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ୨୦ ଚାଷୀ ଓ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଚାଷୀ ହେଲେ ସୁଷମା ନାୟକ, ଶିବନାରାୟଣ ବେହେରା, ସୋମନାଥ ସାହୁ, ମୁରଲୀଧର ପ୍ରଧାନ, ବିଶ୍ୱନାଥ ପଣ୍ଡା, ନରେନ୍ଦ୍ର ଭୁଟିଆ, ଶିବ ଶମ୍ଭୁ ଯାଦବ, ହେମନ୍ତ ନାଏକ, ଚଞ୍ଚଳା ପ୍ରଧାନ ପ୍ରମୁଖ। ସକାଳେ ମାଁ ସମଲେଇ ମନ୍ଦିର ନିକଟରେ ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ସମଲେଇ ମଣ୍ଡଳର ଶମ୍ଭୁ ବରେଲିଆ, ନୀଳାମ୍ବର ସିକନ୍ଦର, ରୁଣ୍ଟୁ ପ୍ରଧାନ, ଭବାନୀ ଧୁସର, ଅନସୂୟା ସାମଲ, ଅନୀଲ ସୁନା, ଅଶ୍ୱିନୀ ସୁନା ଉପସ୍ଥିତ ଥିଲେ।

# କରୋନା ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ଜମନକିରା, ୧୭।୯(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚେପଟଆମ୍ବ ଗାଁର ପର୍ଶୁରାମ କିଣ୍ଡୋ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ତାଙ୍କ ପରିବାରକୁ ଗୁରୁବାର ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜମନକିରା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀନିବାସ ଦଳବେହେରାଙ୍କ ସୂଚନା ମୁତାବକ ପର୍ଶୁରାମ ତାଙ୍କ ଶାଖାରେ ପାସ୍ ବହି ଖୋଲି କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୩୩୦ ଟଙ୍କା ବାର୍ଷିକ ଜମା କରିଥିଲେ। ମାତ୍ର କୋଭିଡ୍‌ରେ ତାଙ୍କର ମୃତ୍ୟୁ ଘଟିବା ପରେ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ବୀମା ଦ୍ୱାରା ତାଙ୍କ ସ୍ତ୍ରୀ ପାର୍ବତୀ କିଣ୍ଡୋଙ୍କୁ ସ୍ଥାନୀୟ ବିଡ଼ିଓ ଅଜୟ ତିୱାରୀ ଶାଖାରେ ପହଞ୍ଚି ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ



ବନ୍ଧବାହାଲ ଜଗନ୍ନାଥ ମନ୍ଦିରରେ ଦୀପଦାନ।

**ଝାରସୁଗୁଡ଼ା ଅଫିସ,୧୭।୯**

ଝାରସୁଗୁଡ଼ା ଜିଲା ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାଏଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଦଳୀୟ କର୍ମୀମାନେ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ସଫେଇ କରିଥିଲେ। ସ୍ଥାନୀୟ ସ୍ୱରୂପ ଗାର୍ଡେନ୍ ପରିସରରେ ଜିଲା କୃଷକ ମୋର୍ଚ୍ଚା ତରଫରୁ କିଷାନ ଓ ଯବାନମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ତରଫରୁ ସେବାସମର୍ପଣ ସପ୍ତାହ ପାଳନ ହୋଇଥିଲା। ବନ୍ଧବାହାଲ ମହିଳା ମୋର୍ଚ୍ଚା ତରଫରୁ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରୀନା ପଟେଲଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘାୟୁ କାମନାକରି ୭୧ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ତହସିଲଦାର ସିରାଜୁ ଖମାରୀ, ସାମଲ ନାୟକ, ମଙ୍ଗଳ ସାହୁ, ବିମଳ ଭୋଳ, ମହମ୍ମଦ ଖୁର୍ସିଦ ଆଲମ ଖାଁ, ବଲବିନ୍ଦର ସିଂହ, ରଘୁନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ମିଳିତ ଆଦିବାସୀ ସମାଜ କାର୍ଯ୍ୟକାରିଣୀ ବୈଠକ

**ଝାରସୁଗୁଡ଼ା ଅଫିସ,୧୭।୯**



ବୈଠକରେ ଉପସ୍ଥିତ ଥିବା ସଙ୍ଗଠନର କର୍ମକର୍ତ୍ତା।

**୨୬ରେ ଜିଲା ସଙ୍ଗଠନ ନିର୍ବାଚନ**

ସ୍ଥାନୀୟ କାପୁମାଲସ୍ଥିତ ସମ୍ମିଳିତ ଆଦିବାସୀ ସମାଜ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଜିଲା ସଭାପତି ବୁନ୍ଦେ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଦିବାସୀଙ୍କ ଜମିଜମା ସଂକ୍ରାନ୍ତ ମାମଲା ସରକାର ପକାଇ ରଖିଛନ୍ତି। ଝାରସୁଗୁଡାର ଭଗବାନ ଓରାମଙ୍କ ୧ ଏକର ଜମି ଜାଲିଆତି କରି ସାଧାରଣ ବର୍ଗର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମାମଲା ରୁଜୁ ହୋଇଥିଲେ ମଧ୍ୟ ଏହା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୪ବର୍ଷ ହେଲା ପଡିରହିଛି। ସମ୍ମିଳିତ ଆଦିବାସୀ ସମାଜର ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ଗୁହାରୀ କରିଥିଲେ ମଧ୍ୟ ଏହାର ବିଚାର କରା ନ ଯାଇ ଅଣଦେଖା କରାଯାଉଛି। ଏହିଭଳି ଆଦିବାସୀଙ୍କ ଶତାଧିକ ଜମିଜମା କେସ ପଡିରହିଛି। ଆଦିବାସୀ ସମାଜ ଆଗାମୀ ଦିନରେ ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭକରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲା ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବ। ଏହାବ୍ୟତୀତ ଜିଲାରେ ୪୪ ଆଟ୍ରୋସିଟି କେସ୍ ବିଚାର ନ ହୋଇ ପଡିରହିଥିବାରୁ ଆଦିବାସୀମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲା ପ୍ରଶାସନ ଆଦିବାସୀଙ୍କ ଅଧିକାର ପ୍ରାପ୍ତି ବିରୋଧରେ କାର୍ଯ୍ୟ କରୁଥିବାରୁ ସମାଜ ତରଫରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆନ୍ଦୋଳନ ଜାରି ରଖିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ୨୬ରେ ସମାଜର ସାଙ୍ଗଠନିକ କର୍ମକର୍ତ୍ତା ନିର୍ବାଚନ ହେବାକୁ ସ୍ଥିର ହୋଇଛି। ବୈଠକରେ ଜିଲା ସଭାପତି ଧୁରୁଆ, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାୟକ, ମହାସଚିବ ପ୍ରଭାକର ଓରାମ, ଲିଙ୍ଗରାଜ ପ୍ରଧାନ, ଅଖିଳ ଭାରତୀୟ ଗୋଣ୍ଡୱାନ୍ ଗୋଣ୍ଡ ସମାଜ ଜିଲା ସଭାପତି ଡମ୍ବରୁଧର ନାୟକ, ମହାସଚିବ ଶ୍ୟାମଲାଲ ନାୟକ, ମାଧନ ସିଂହ ନାୟକ, ନଳିନୀ ନାୟକ, ଡିଲେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଫୁଲ୍ଲ ପତି ଶତବାର୍ଷିକୀ ସ୍ମାରକୀ ବକ୍ତୃତାମାଳା

**ସମ୍ବଲପୁର,୧୭।୯ (ବ୍ୟୁରୋ)**

ଶୁକ୍ରବାର ସମ୍ବଲପୁରସ୍ଥିତ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ପତି ଶତବାର୍ଷିକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରି ଓ ଓଡ଼ିଶା ସାଂସ୍କୃତିକ ସମାଜ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଅଧକ୍ଷତା କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରାରମ୍ଭିକ ସୂଚନା, ରଘୁନାଥ ମିଶ୍ର ଅତିଥି ପରିଚୟ ଓ ପ୍ରଫୁଲ୍ଲ କୁମାର ହୋତା ଧନ୍ୟବାଦ ଦେଇଥିଲେ। ସରୋଜ କୁମାର ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍, ସାମାଜିକ କର୍ମୀ ଯୋଗ ଦେଇଥିଲେ ।



ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଇନ୍‌ଫିନିଟି ମୋଟର୍ସ ଶୋ’ରୁମ୍ ଉଦ୍‌ଘାଟିତ

**ସମ୍ବଲପୁର,୧୭।୯(ବ୍ୟୁରୋ)**

ଟାଟା ମୋଟର୍ସ ବ୍ୟବସାୟିକ ଯାନର ଶୋ’ରୁମ୍ ଇନ୍‌ଫିନିଟି ମୋଟର୍ସ ପ୍ରାଇଭେଟ ଲିମିଟେଡ ଶୁକ୍ରବାର ସମ୍ବଲପୁର ପରଧିଆପାଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ପଶ୍ଚିମ ଓଡ଼ିଶା ଜନସାଧାରଣ ହାତ ପାହାନ୍ତାରେ କମ୍ପାନୀର ସେବା ଓ ସୁବିଧା ପାଇପାରିବେ। ସ୍ଥାନୀୟ ଯୁବତୀଯୁବକଙ୍କୁ ମଧ୍ୟ ନିଯୁକ୍ତି ମିଳିବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବ୍ୟବସାୟିକ ସଂସ୍ଥାନକୁ ପ୍ରୋତ୍ସାହିତ କରୁଛନ୍ତି। ନୂତନ ଉଦ୍ୟୋଗ ଓ ଉଦ୍ୟୋଗପତିଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଦାସ କହିଥିଲେ। ଟାଟା ମୋଟର୍ସ ପୂର୍ବାଞ୍ଚଳ ଆଞ୍ଚଳିକ ପ୍ରବନ୍ଧକ ରଣବୀର କନୱାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମ୍ପାନୀ ରାଜ୍ୟ ମୁଖ୍ୟ ବିକାଶ ସୋନି ବ୍ୟବସାୟିକ ଯାନ ବିଷୟରେ ସୂଚନା ଦେଇଥିଲେ। ଇନ୍‌ଫିନିଟି ମୋଟର୍ସ ସ୍ୱତ୍ତ୍ୱାଧିକାରୀ ପବନ ସୁଲତାନିଆ ବ୍ୟବସାୟିକ ଯାନ କିଣିଲା ପରେ ଗ୍ରାହକମାନେ କିପରି ସେବା ପାଇବେ ସେ ନେଇ ବକ୍ତବ୍ୟ ରଖିଥିଲେ। କିଶୋର ସୁଲତାନିଆ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସୁଶୀଳ କେଡିଆ ଧନ୍ୟବାଦ ଦେଇଥିଲେ।



ଇନଫିନିଟି ମୋଟର୍ସ ଶୋ’ରୁମ୍ ଉଦ୍‌ଘାଟନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

# ଝାରସୁଗୁଡ଼ା ପୌରାଞ୍ଚଳରେ ପ୍ରଭାତଫେରି

**ଝାରସୁଗୁଡ଼ା ଅଫିସ,୧୭।୯**




ପ୍ରଭାତଫେରିରେ ସାମିଲ ହୋଇଛନ୍ତି ମଦମୁକ୍ତ ସଙ୍ଗଠନର ସଦସ୍ୟ।

**ମଦମୁକ୍ତ ଓଡ଼ିଶା ଗଠନ ଦାବି**

ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ବଢେଇମୁଣ୍ଡା ଗ୍ରାମରେ ଶୁକ୍ରବାର ମଦମୁକ୍ତି ଯୁବବାହିନୀ ତରଫରୁ ପ୍ରଭାତଫେରି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବବାହିନୀ ସଦସ୍ୟମାନେ ବ୍ୟାନର, ପୋଷ୍ଟର ଧରି ଶୋଭାଯାତ୍ରାରେ ରଙ୍ଗିଆପଡା ହନୁମାନ ମନ୍ଦିର ସମ୍ମୁଖରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ରାଜ୍ୟ ସରକାର ଓ ରାଜନେତାମାନେ କିଭଳି ମଦନୀତିକୁ ଅଣଦେଖା କରିଚାଲିଛନ୍ତି ଏ ନେଇ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ପରେ ଗ୍ରାମର କୀର୍ତ୍ତନ ମଣ୍ଡପରେ ଏକ ସଭା କରାଯାଇ ମଦମୁକ୍ତ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। କର୍ମକର୍ତ୍ତା ଦର୍ଶାଇଥିଲେ, ରାଜ୍ୟ ସରକାରଙ୍କ ମୋଟ ବଜେଟ୍‌ର ୨.୫ରୁ ୩ ପ୍ରତିଶତ ଅବକାରୀ ବିଭାଗରୁ ମିଳିଥାଏ। ଗୁଜରାଟ ଓ ବିହାର ଭଳି ଓଡିଶା ସରକାରଙ୍କୁ ଏହି ରାଜସ୍ୱ ନ ମିଳିଲେ ମଧ୍ୟ ରାଜ୍ୟ ସହଜରେ ପରିଚାଳନା ହୋଇପାରିବ। ରାଜ୍ୟରେ ମଦ ପ୍ରଚଳନ ଯୋଗୁ ସଡ଼କ ଦୁର୍ଘଟଣା, ଘରୋଇ ହିଂସା, ନାରୀ ନିର୍ଯାତନା, ହତ୍ୟାକାଣ୍ଡ, ବଳାତ୍କାର ଭଳି ଘଟଣା ବୃଦ୍ଧି ପାଉଛି। ଫଳରେ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ମଦମୁକ୍ତ ରାଜ୍ୟ ଗଠନ କରିବାକୁ ଆଗେଇ ଆସନ୍ତୁ ବୋଲି ସଙ୍ଗଠନ ଆହ୍ୱାନ ଦେଇଛି। ଏହି କାର୍ଯ୍ୟକ୍ରମ ରତ୍ନାକର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ଏଥିରେ ଜିଲା ସଂଯୋଜକ ପ୍ରଶାନ୍ତ ରଣା, ମଧୁସୂଦନ ଭଇଁସା, ଚତୁର୍ଭୁଜ କୁମୁରା, ବରୁଣ କିଷାନ, ଉଜ୍ଜ୍ୱଳ ସେଠୀ, ବିକାଶ ଓରାମ, ସୁମନ୍ତ କିଷାନ, ପ୍ରଭାକର ଓରାମ, ମୋହନ ପିଙ୍ଗ୍, ରଜନୀ ପ୍ରଧାନ, ପୁଷ୍ପା ପ୍ରଧାନ, ଗୋଲାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବେରୋଜଗାର ଦିବସ ପାଳନ କଲା କଂଗ୍ରେସ

ସୁନ୍ଦରଗଡ଼, (ଡି.ଏନ.ଏ.):ସୁନ୍ଦରଗଡ଼ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ସ୍ଥାନୀୟ ଡିଆରଡ଼ିଏ ଛକଠାରେ ବିଧାନ ସଭା କ୍ଷେତ୍ର ଯୁବ ସଭାପତି ବିଶ୍ୱଜିତ ପଟ୍ଟନାଏକଙ୍କ ନେତୃତ୍ୱରେ ହାଲ୍ଲା ବୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିବସକୁ ବେରୋଜଗାର ଦିବସ ପାଳନ କରିଛନ୍ତି। ଆଜିକାର ଏହି ହଲ୍ଲା ବୋଲ କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର କର୍ମୀମାନେ ଚା ଓ ପକୁଡି ବିକ୍ରି କରି ପ୍ରତିବାଦ ଜଣାଇଥିଲେ । ଆଜିକାର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ବେଣୁମାଧବ ତ୍ରିପାଠୀ, ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, ଛାତ୍ର କଂଗ୍ରେସ ସଭାପତି ଏମ .ଡି .ଫୈଜଲ, ଜିଲ୍ଲା ସେବା ଦଳ ର ପର୍ଯ୍ୟାବେକ୍ଷକ ମୁନୁ ସରାଫ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ଆଡ଼ଭୋକେଟ ପ୍ରଣବ ସିଂ, ଦେବାଶିଷ ଦାସ, ରାଜା ପଟନାଏକ ,ସଦାମ ହୁସେନ ପ୍ରମୁଖ ଯୋଗ ଦେଇଥିଲେ।

### ସଂକ୍ଷେପରେ

## କୁତ୍ରା ଅଞ୍ଚଳର ଛାତ୍ରୀ ସିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ



କୁତ୍ରା, ୧୭।୯(ଡି.ଏନ.ଏ)-କୁତ୍ରା ବ୍ଲକର ପ୍ରତିଷ୍ଠିତ ବ୍ୟବସାୟୀ ପୁରୁଷୋତ୍ତମ ଅଗ୍ରୱାଲଙ୍କ କନ୍ୟା ଶ୍ରଦ୍ଧା ଅଗ୍ରୱାଲ ଚଳିତବର୍ଷ ଅଖିଳ ଭାରତୀୟ ଚାଟାର୍ଡ ଆକାଉଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୁତ୍ରାର ମର୍ଯ୍ୟାଦା ବଢାଇଛନ୍ତି। ଶ୍ରଦ୍ଧାଙ୍କ ଏହି ସଫଳତା ପାଇଁ କୁତ୍ରା ଅଞ୍ଚଳର ବୁଦ୍ଧିଜୀବୀ ଦେବାଶିଷ ସାହୁ,ରାଜେଶ ସାହୁ,ପ୍ରଶାନ୍ତ ସାହୁ,ବିଭୀଷଣ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରଦ୍ଧାଙ୍କ ସଫଳତା ଅନ୍ୟମାନଙ୍କୁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ପୁରୁଷୋତ୍ତମ ଅଗ୍ରୱାଲ।

## କୁତ୍ରା ଅଞ୍ଚଳରେ ଥମୁନି ହାତୀ ଆତଙ୍କ

କୁତ୍ରା, ୧୭।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଅଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ସନ୍ଧ୍ୟା ହେଲେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମ ଭିତରେ ୨୨ଟିକିଆ ହାତୀ ପଲ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଜୁରାଜମ ଓ ମହାବୀର ପର୍ବତ ପଟୁ ଏହି ହାତୀପଲ ଆସୁଥିବାର ସୂଚନା ମିଳୁଛି। ଗତ ରାତିରେ ସିଆଲଜୋର ଗ୍ରାମରେ ପଶି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଘର ଭାଙ୍ଗିବା ସହିତ ଘର ଭିତରେ ଥିବା ଚାଉଳ ବସ୍ତା ଖାଇ ଦେଇଥିଲେ। ସକାଳୁ ଏହି ହାତୀ ପଲ କୁତ୍ରା ଦେଇ ବିରିଙ୍ଗାଟୋଳି,କଣ୍ଡେଇମୁଣ୍ଡା,କୁରୁଙ୍ଗା ଆଦି ଗ୍ରାମ ଗୁଡିକୁ ଅତିକ୍ରମ କରି କୁସୁମଡେଗି ପର୍ଯ୍ୟନ୍ତ ପହଞ୍ଚି ଯାଇଛନ୍ତି। ଏହି ଅଞ୍ଚଳଗୁଡିକରେ ବଡ଼ ଧରଣର ତାଣ୍ଡବ ରଚାଇ ନ ଥିଲେ ମଧ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ ଦିନ ରାତି ଆତଙ୍କିତ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳୁଛି। ରାତି ରାତି ଅନିଦ୍ରା ହୋଇ ଗ୍ରାମବାସୀ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା ଚଳାଇଥିଲେ ସୁଦ୍ଧା ଅସଫଳ ହେଉଛନ୍ତି। ତେବେ ପ୍ରତ୍ୟେକ ଗ୍ରାମାଞ୍ଚଳରେ ହାତୀ ଆତଙ୍କ ଲାଗି ରହିଥିଲେ ସୁଦ୍ଧା ବନ ବିଭାଗ ସବୁଜାଣି ନୀରବ ରହିଛନ୍ତି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନଦେଇ ହାତୀପଲ ଘଉଡ଼ାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## କୃଷି ବିଜ୍ଞାନ କେନ୍ଦ୍ରରେ ପୋଷଣ ବାଟିକା, ବୃକ୍ଷରୋପଣ

ସୁନ୍ଦରଗଡ଼,୧୭।୯(ଡି.ଏନ୍.ଏ)
କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ ଓ ଇଫ୍‌କୋର ମିଳିତ ଆନୁକୁଲ୍ୟରେ ପୋଷଣ ବାଟିକା ଓ ବୃକ୍ଷ ରୋପଣ ମହାଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ପୋଷକ ଶସ୍ୟ ବର୍ଷ-୨୦୨୩ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ସମ୍ମାନିତ ଅତିଥି ଭାବେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ସହିତ ସୁଷମ ଖାଦ୍ୟ ପାଇଁ ପୋଷଣ ବାଟିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁଖଲାଲ ମୁଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଅଗ୍ରଣୀ ଚାଷୀ ନିର୍ମଳ ନାଏକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ ଅତିଥି ପରିଚୟ କରିବା ସହିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମ୍ସ୍ ବାଗେ ଓ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଜୀବ କୁମାର ବିଶ୍ୱାସୀ ପୋଷକ ଶସ୍ୟ ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ କହିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ରର ବିକ୍ରୟ କେନ୍ଦ୍ର 'ଗାର୍ଡେନ ଫ୍ରେସ' କୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ଅତିଥି ମାନଙ୍କଦ୍ୱାରା ଉପସ୍ଥିତ ସମସ୍ତ ଚାଷୀଙ୍କୁ ଇଫ୍‌କୋ ତରଫରୁ ପନିପରିବା ମଞ୍ଜିକିଟ୍ ତଥା ସଜନା ଓ ଅମୃତଭଣ୍ଡାଚାରା ବଣ୍ଟନ କରାଯାଇଥିଲା। ମିଲେଟ ମିଶନ, ସୁନ୍ଦରଗଡର ଜିଲା ସଂଯୋଜକ ପ୍ରଣମେଶ କର ଯୋଗ ଦେବା ସହିତ ମିଶନ ଅଧିନରେ ଥିବା ଏନଜିଓ ସି.ଆଇ.ଆର.ଟି.ଡିର ସଭ୍ୟମାନଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥକୁ ପ୍ରଦର୍ଶନ ଓ ପରିବେଷଣ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୭୫ ଜଣ ଅଗ୍ରଣୀଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରର ବୈଜ୍ଞାନିକ ଦ୍ୱିବେନ୍ଦୁ ମଣ୍ଡଳ, ମୁଦାଦା ଦିବ୍ୟନାଥ, ଅରୁଣ ମିଶ୍ର, କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ, ବୁଦ୍ଧୁବଡୁ ଓ କୁଳଦିପ ହାତୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ସୁନ୍ଦରଗଡ଼ରେ ବନ୍ଦ ପାଳନ

ସୁନ୍ଦରଗଡ଼,୧୭।୯(ଡି.ଏନ୍.ଏ.)

୪ ଦଫା ଦାବି ନେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ଼ ବନ୍ଦ ପାଳନ କରାଯାଇଛି। ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ ସୁନ୍ଦରଗଡ଼ ସହରକୁ ପ୍ରବେଶ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ କରିବା ସହ ରାଉରକେଲା-ସମ୍ବଲପୁର ୧୦ନମ୍ବର ରାଜ୍ୟ ରାଜପଥକୁ ମଧ୍ୟ ଅବରୋଧ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପାଇଁ ସୁନ୍ଦରଗଡ଼କୁ ଆସିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମ ଥିବାରୁ ଏହା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜେ ସେଥିପାଇଁ ସମସ୍ତ ଧାରଣାସ୍ଥଳ ଏବଂ ସହରର ବିଭିନ୍ନ ଛକରେ ପୋଲିସ ମୁତୟନ କରାଯାଇଥିଲା। ଏହି ବନ୍ଦକୁ ସମର୍ଥନ କରି ବିଭିନ୍ନ ବ୍ୟବସାୟିକ ସଙ୍ଗଠନ, ଦୋକାନ ବଜାର ସକାଳୁ ବନ୍ଦ ଥିବା ଦେଖିବାକୁ ମିଳିଛି। ଅତିଜରୁରୀ ସାମଗ୍ରୀ, ଔଷଧ ଦୋକାନ ଖୋଲା ରହିଥିଲା। ଏପରିକି ମୋଟର ସାଇକେଲ ଏବଂ ଆମ୍ବୁଲାନ୍ସକୁ ସବୁ ସ୍ଥାନରେ ଛଡା ଯାଉଥିବା ଦେଖିବାକୁ ମିଳିଛି। ସରକାରୀ ଭଡାବୃଦ୍ଧି, ବେଆଇନ ଭାବେ ଚାଲାଣରୁ କଟା ଯାଉଥିବା ଟଙ୍କା, ଖଣିରେ ଫାଷ୍ଟ କମ ଫାଷ୍ଟ ଲୋଡିଂକୁ ଜିଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ସ୍ଥାନୀୟ ପ୍ରଶାସନର କୌଣସି ସହଯୋଗ ନ ମିଳିବାରୁ ବନ୍ଦ ପାଳନ କରାଯାଇଛି ବୋଲି ଟ୍ରକ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ବିଜୁ ଏକ୍ସପ୍ରେସ ୱେ ଉପରେ ଶହଶହ ଗାଡି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଟ୍ରକ୍ ମାଲିକ ସଂଘର ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା। ଦାବି ପୂରଣ ପାଇଁ ଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ନେଇ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଶଙ୍କରା ବାଇପାସ ନିକଟକୁ ଯାଇ ଆନ୍ଦୋଳନକାରୀ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



ସୁନ୍ଦରଗଡ଼ରେ ବନ୍ଦ ପାଳନ କରାଯାଉଛି।

## ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ

ଦେବଗଡ଼,୧୭।୯(ଡି.ଏନ.ଏ)

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଦେବଗଡ଼ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ରୋଗୀ ଏବଂ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଶୁକ୍ରବାର ଫଳ ବଣ୍ଟନ କରାଯାଇଛି। ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ପ୍ରଜିତ ଭୋଜ ଓ ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ସମ୍ବଲପୁର ଲୋକସଭା ସଦସ୍ୟଙ୍କ ଦେବଗଡ ଜିଲା ନୋମିନୀ ଯୋଗେଶ ଚନ୍ଦ୍ର ପ୍ରଧାନ, ଯୁବ ନେତା ଅବିନାଶ ପ୍ରଧାନ, ଭାଜପା ଏସ୍.ସି.ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର, ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ଉପସଭାପତି ଶିବା ମୁଖି ଓ ପ୍ରଫୁଲ୍ଲ ମହାନନ୍ଦଙ୍କ ସମେତ ବହୁ ଭାଜପା ନେତା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କୁଷ୍ଠାଶ୍ରମରେ ପହଞ୍ଚି ଚିକିତ୍ସାଧିନ ରୋଗୀ ଏବଂ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# ୩୭ କୋଟି ୭୦ ଲକ୍ଷର ନୂତନ ବ୍ୟୟ ଅଟକଳ

- ବଳମ-ଲଇମୁରା ପିଡବ୍ଲ୍ୟୁଡି ରାସ୍ତା ଉନ୍ନତିକରଣ ପାଇଁ ପଦକ୍ଷେପ
- ରାଜନୀତିକରଣ ନ କରିବାକୁ କେଡିଆର୍ ଆଞ୍ଚଳିକ କମିଟିର ନିବେଦନ

ଦେବଗଡ଼,୧୭।୯(ଡି.ଏନ.ଏ)

ବାରକୋଟ ବ୍ଲକ ଅନ୍ତର୍ଗତ ବଳମ ୪୯ ନମ୍ବର ଜାତୀୟ ରାଜପଥଠାରୁ ରଙ୍ଗେଇ, ଦାନ୍ତାରୀବାହାଲ ଓ କଣ୍ଟାପାଲି ଗ୍ରାମପଞ୍ଚାୟତ ଦେଇ ତିଲେଇବଣି ବ୍ଲକର ଲଇମୁରା ଅଞ୍ଚଳକୁ ଯାଇଥିବା ଆର୍‌ଡି ରାସ୍ତା ଅତ୍ୟନ୍ତ ଅବହେଳିତ ହୋଇ ପଡ଼ିରହିବା ସହ ବ୍ୟବହାର ଅନୁପଯୋଗୀ ତଥା ମରଣଯନ୍ତା ସାଜିଥିଲା । ଉପରୋକ୍ତ ତିନୋଟିଯାକ ପଞ୍ଚାୟତବାସୀଙ୍କୁ ନେଇ ଗଠିତ କେଡିଆର୍ (କଣ୍ଟାପାଲି -ଦନ୍ତାରୀବାହାଳ-ରଙ୍ଗେଇ) ଆଞ୍ଚଳିକ ଉନ୍ନୟନ କମିଟିର ବାରମ୍ବାର ଦାବି ରାସ୍ତାରୋକୋ ଆନ୍ଦୋଳନ ଓ ଆମରଣ ଅନଶନ ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳର ପ୍ରୟାସ କ୍ରମେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ମାତ୍ର ବିଭିନ୍ନ କାରଣରୁ ଏହାର ପ୍ରାୟ ୨ ବର୍ଷ ପରେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇବା ସହ ବିଭିନ୍ନ ମହଲରେ ଏହାକୁ ନେଇ ଜୋରଦାର ରାଜନୀତି ଆରମ୍ଭ ହୋଇଥିଲା । ତେବେ ରାଜ୍ୟ ସରକାର ଇତିମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ ପାଇଁ କରିଥିବା ପୁରୁଣା ବ୍ୟୟ ଅଟକଳକୁ ବାତିଲ କରି ୩୭ କୋଟି ୭୦ ଲକ୍ଷ ୫୬ ହଜାର ଟଙ୍କାର ନୂଆ ବ୍ୟୟ ଅଟକଳ ପ୍ରସ୍ତୁତ କରିଥିବାରୁ କେଡିଆର୍ ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଦେବଗଡ ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ସରକାରଙ୍କ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଆଗାମୀ ଦିନରେ ଉକ୍ତ ରାସ୍ତା ନିର୍ମାଣ ଦାବିରେ କୌଣସି ରାଜନୈତିକ ଦଳ କିମ୍ବା ସଙ୍ଗଠନ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କୁ ଚେତାବନୀ ପତ୍ର ପ୍ରଦାନ ନ କରିବାକୁ କେଡିଆର୍ ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଉକ୍ତ ପ୍ରେସ ବିବୃତି ମାଧ୍ୟମରେ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଅଞ୍ଚଳବାସୀଙ୍କ ସମସ୍ୟା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିସାରିଥିବାରୁ ଏହାର ରାଜନୀତିକରଣ ନ କରିବାକୁ କମିଟି ନିବେଦନ କରିଛି। ଅନ୍ୟଥା ପରିଣାମ ପାଇଁ ସମ୍ପୃକ୍ତ ଅନୁଷ୍ଠାନ ଓ ସଙ୍ଗଠନମାନେ ଉତ୍ତରଦାୟୀ ରହିବେ ବୋଲି କେଡିଆର୍ (କଣ୍ଟାପାଲି -ଦନ୍ତାରୀବାହାଳ-ରଙ୍ଗେଇ) ଆଞ୍ଚଳିକ ଉନ୍ନୟନ କମିଟିର ସମ୍ପାଦକ ଜନ୍ମେଜୟ ପ୍ରଧାନ ପ୍ରକାଶ କରିଛନ୍ତି।

## ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କଲେ ମନ୍ତ୍ରୀ

ସୁନ୍ଦରଗଡ଼,୧୭।୯(ଡି.ଏନ.ଏ.)
ସୁନ୍ଦରଗଡ଼ ପୌରପାଳିକାର ବିଭିନ୍ନ ୱାର୍ଡରେ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଡ ବଣ୍ଟନର ଶେଷ ଦିବସରେ ଶୁକ୍ରବାର ୧୨, ୧୪, ୧୫, ୧୬, ୧୭, ୧୮ ନମ୍ବର ୱାର୍ଡର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବ୍ଲକ କଲୋନୀସ୍ଥିତ ମିଶନ ଶକ୍ତି ଭବନଠାରେ ଆୟୋଜିତ ସମାରୋହରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ତଥା ରାଜ୍ୟ ବନ ଉନ୍ନୟନ ନିଗମର ଉପଦେଷ୍ଟା ଦେବାଶିଷ ମଲ୍ଲିକ,ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଜିଲା ବିଜେଡିର ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ଜିଲା ବିଜେଡିର ଉପସଭାପତି ଲଲାଟ ପରିଡା, ସାଧାରଣ ସମ୍ପାଦକ ଗୋପ ମହାନ୍ତି,ରାଜ୍ୟ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଛାତ୍ର ବିଜେଡିର ସଭାପତି ସେହେବାଜ ହୁସେନ,ବିଜେଡିର ନଗର ସଭାପତି ସୁରେନ୍ଦ୍ର ଭିଡ୍ରିଆ,ରାଜ୍ୟ ଯୁବବିଜେଡ଼ର ସମ୍ପାଦକ ଅଜୟ ଅମାତ, ପଞ୍ଚା ବାର୍ଲା, କୌଶିକ ପଟେଲ,ଆଶିଷ ତ୍ରିପାଠୀ, ମୁକେଶ ପୁରୋହିତ, ଶିବାଜୀ ନାଏକ, ସୁବ୍ରତ ନାଏକ, ବିସ୍ମୟ ପଟ୍ଟନାୟକ, ଟିକେଶ୍ୱରୀ ନାଏକ, ନିରୁପମା ସାମଲ,ସୁଶୀଳା କୁମରା, ଅନିତା ଶର୍ମା, ତ୍ରିଲୋଚନ କାକ, ପଙ୍କଜ ଶ୍ରେଷ୍ଠ, ଅଶୋକ ମହାନ୍ତି ପ୍ରମୁଖ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

## ଲିଗାଲ ରାଇଟ୍ସ କାଉନସିଲ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ

ଦେବଗଡ଼,୧୭।୯(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଲିଗାଲ ରାଇଟ୍ସ କାଉନସିଲ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ କୁଷ୍ଠାଶ୍ରମ ଓ ରିଆମାଳ ବ୍ଲକ ରେଙ୍ଗାଲବେଡା ସ୍ଥିତ ସେବାଧାମର ଅନ୍ତେବାସୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି। ଲିଗାଲ ରାଇଟ୍ସ କାଉନସିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ରାଣୀ ଅରୁନ୍ଧତୀ କୁମାରୀ ଦେବୀଙ୍କ ନିର୍ଦ୍ଦେଶ କ୍ରମେ କାଉନସିଲର ସଦସ୍ୟ ଅବିନାଶ ପ୍ରଦାନ, ରଞ୍ଜନ ଚୌଧୁରୀ, ଆଶିଷ ନାୟକ, ଆରତୀ ଦେଇ, ସୁମିତ୍ରା ଭୋଇ, ଅନ୍ୟ ସଦସ୍ୟା ସଦସ୍ୟ ରେଙ୍ଗାଲବେଡାସ୍ଥିତ ସେବାଧାମକୁ ଯାଇ ସେବାଧାମ ଦାୟିତ୍ୱରେ ଥିବା ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେଠାରେ ରହୁଥିବା ପିଲାଙ୍କୁ ଖାତା ଓ କଲମ ଆଦି ପାଠ୍ୟୋପକରଣ ସହିତ ଲୁଡୋ, ଚେସ, କ୍ୟାରେମ, ଫୁଟବଲ ଓ ଭଲିବଲ ଆଦି କ୍ରୀଡା ସାମଗ୍ରୀ ପ୍ରଦାନ କରିଥିଲେ। ସେହିପରି ଦେବଗଡ ସ୍ଥିତ କୁଷ୍ଠାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ।



ଲିଗାଲ ରାଇଟ୍ସ କାଉନସିଲ ଇଣ୍ଡିଆ ପକ୍ଷରୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଉଛି।

## ଆଇନସେବା ପ୍ରାଧିକରଣଙ୍କ ହସ୍ତକ୍ଷେପ ପରେ ଦମ୍ପତିଙ୍କ ପୁନର୍ମିଳନ

ସୁନ୍ଦରଗଡ଼, ୧୭।୯ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧିକରଣଙ୍କ ହସ୍ତକ୍ଷେପ ପରେ ରାଜଗାଙ୍ଗପୁରର ଏକ ଦମ୍ପତିଙ୍କ ମଧ୍ୟରେ ପୁନଃମିଳନ ହୋଇଛି। ରାଜଗାଙ୍ଗପୁରର ସାମା ପରଭିନ୍ ଓ ସ୍ୱାମୀ ମହମ୍ମଦ ଉମର ସରିଫଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ସେମାନଙ୍କର ୩ବର୍ଷର ସନ୍ତାନ ରହିଛି। ସାମା ପରଭିନ ପାରିବାରିକ କଳହ ଯୋଗୁଁ ସନ୍ତାନଙ୍କୁ ଧରି ବାପ ଘରକୁ ଚାଲିଆସିଥିଲେ । ହେଲେ ପରବର୍ତ୍ତୀ ସମୟରେ ସେ ପୁଣି ସ୍ୱାମୀଙ୍କ ନିକଟକୁ ଫେରିବାକୁ ଚାହିଁଥିଲେ। ଏନେଇ ସେ ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧିକରଣ ଠାରେ ଆବେଦନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନଙ୍କ ଆଦେଶ କ୍ରମେ ଜନ୍ମେଜୟ ନାୟକ ମଧ୍ୟସ୍ଥି ଭାବେ ନିଯୁକ୍ତି ହୋଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ତରଫରୁ ମଧ୍ୟସ୍ଥି ଏହି ଦମ୍ପତିକୁ ଡକାଇ ପୁନଃମିଳନ ପାଇଁ ଚେଷ୍ଟା କରିଥିଲେ।

# ୧୬ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ

କୁତ୍ରା, ୧୭।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁତ୍ରା ତହସିଲ ଅନ୍ତର୍ଗତ ୧୬ ଜଣ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାହାରୀ କୁତ୍ରା ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନ ସମୟରେ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ପରେ ତହସିଲଦାର ରବୀନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତର ଅନ୍ୟ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି।



ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ଜୀବନ କାମନା କରି ପ୍ରଦୀପ ପ୍ରଜ୍ୱଳନ।

ଦେବଗଡ଼,୧୭।୯(ଡି.ଏନ.ଏ)

ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ସାଇ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ପାଳନ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ଦୀର୍ଘ ଜୀବନ କାମନା କରାଯାଇଛି। ସନ୍ଧ୍ୟାରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଦୟାଶଙ୍କର ଦ୍ୱିବେଦୀ, ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ଉପ ସଭାପତି ଶିବା ମୁଖି, ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକ, ତ୍ରିନାଥ ଦାଶ, ଲିବୁନ ନାୟକ, ପ୍ରିତମ ବେହେରା, ରାହୁଳ ଭେଲେଇ, ରୁବୁନ ପ୍ରଧାନ, ପ୍ରଭାକର ସାହୁ, ସଞ୍ଜୀବ ସୁନା, ମରନାଥ ସାହୁ, ଶମ୍ଭୁନାଥ ପ୍ରଧାନ, ଜନ୍ମେଜୟ ଦେହୁରୀ, ଭଦ୍ରା ମୁଖି, ଜଗନ୍ନାଥ ଭୋଇ ଓ ନବୀଣ ନାୟକଙ୍କ ସମେତ ଭାଜପା ଯୁବ ମୋର୍ଚ୍ଚାର ବହୁ ସଦସ୍ୟ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଚାଷୀଙ୍କ ସହ କଲେ ଆଲୋଚନା

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ଗସ୍ତ

ଦେବଗଡ଼,୧୭।୯(ଡି.ଏନ.ଏ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରେମଚନ୍ଦ୍ର ଚୌଧୁରୀ ଦେବଗଡ଼ ଗସ୍ତରେ ଆସି ତିଲେଇବଣି ବ୍ଲକର ତିଲେଇବଣି, କଂସର, ସଡୋ, କେନ୍ଦେଇଜୁରୀ ଓ ଟାଇଁସର ଗ୍ରାମରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏଥିସହ ଜିଲା ସଦର ମହକୁମା ସ୍ଥିତ ସର୍କିଟ ହାଉସରେ ଜିଲାପାଳ ଏବଂ ଅନ୍ୟାନ ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଚୌଧୁରୀ ଏଠାରେ ପହଞ୍ଚିବା ପରେ ତିଲେଇବଣି ବ୍ଲକର ସଡୋ ଓ କଂସର ଗ୍ରାମ ପଞ୍ଚାୟତରେ ଆଇଟିଡିଏ ସହାୟତାରେ ଚାଷୀମାନେ କରିଥିବା ବର୍ଷାଦିନିଆ ଟମାଟୋ ବଗିଚା ଓ ଟାଇଁସର ପଞ୍ଚାୟତର କୁରେଇଁବାହାଲ ଗ୍ରାମରେ ମତ୍ସ୍ୟ ବିଭାଗ ସହାୟତାରେ ନିର୍ମିତ ବାୟୋଫ୍ଲୋକ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହା ସହ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି କେନ୍ଦନ୍ଦେଇଜୁରୀ, ତିଲେଇବଣି ପଞ୍ଚାୟତର ଏକାଧିକ ଗ୍ରାମରେ ସରକାରଙ୍କ ଦ୍ୱାରା ନିର୍ମୀତ ତଥା ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଚୌଧୁରୀଙ୍କ ଗସ୍ତ ସମୟରେ ତାଙ୍କ ସହ ତିଲେଇବଣି ବ୍ଲକର ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ନରୋତ୍ତମ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ତିଲେଇବଣି ବ୍ଲକର ସହକାରୀ ଯନ୍ତ୍ରୀ ମହେଶ ମାହାଲି, କନିଷ୍ଠ ଯନ୍ତ୍ରୀ ଟିଜିକେ ସରାବ, ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ଓ ଆଇଟିଡିଏର ପ୍ରକଳ୍ପ ମ୍ୟାନେଜରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହା ପରେ ମୁଖ୍ୟ ନିର୍ବାହୀ ଅଧିକାରୀ ଚୌଧୁରୀ ସ୍ଥାନୀୟ ସର୍କିଟ ହାଉସରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ।



ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରେମଚନ୍ଦ୍ର ଚୌଧୁରୀ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ପକ୍କା ରାସ୍ତା ନିର୍ମାଣ ଦାବି

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭାନପୁର ପଞ୍ଚାୟତସ୍ଥିତ ରାକ୍ସି ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଭାନପୁର ଗ୍ରାମରୁ ରାକ୍ସି ଗ୍ରାମ ପର୍ଯ୍ୟନ୍ତ ଦେଢ କି.ମି. ରାସ୍ତା ମରାମତି ପାଇଁ ପଞ୍ଚାୟତକୁ ଜଣାଇ ମଧ କୌଣସି ଫଳପ୍ରଦ ହୋଇପାରି ନାହିଁ। ସେଥିପାଇଁ ଗ୍ରାମବାସୀ ପ୍ରତ୍ୟେକ ଘରୁ ଚାନ୍ଦା ଆଦାୟ କରି ରାସ୍ତା ମରାମତି କରିଥିଲେ। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରି ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ବିତିଯାଇଥିଲେ ହେଁ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ମଧ ପକ୍କା ରାସ୍ତା ମଧ ନିର୍ମାଣ ହୋଇପାରୁନାହିଁ। ଏହି ବାବଦ ନେଇ ନର୍ଲା ବ୍ଲକ ବିଡିଓ ତଥା ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟକଙ୍କୁ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ରାସ୍ତାକାମ ହୋଇପାରୁ ନାହିଁ।

**ସଂକ୍ଷେପରେ**

## କୁମୁନୀବାହାଲି ହତ୍ୟାକାଣ୍ଡ: ଧରାପଡ଼ିଲେ ଅଭିଯୁକ୍ତ ନାବାଳକ

ପଦ୍ମପୁର,୧୭।୯(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ କୁମୁନୀବାହାଲି ଗ୍ରାମରେ ଘଟିଥିବା କନ୍ଦର୍ପ ଲୁହାର ହତ୍ୟାକାଣ୍ଡର ଫେରାର ନାବାଳକଙ୍କୁ ଶୁକ୍ରବାର ପୋଲିସ ଧରିବାରେ ସକ୍ଷମ ହୋଇଛି । ତାଙ୍କୁ ସୁଧାର ଗୃହକୁ ପଠାଯିବ ବୋଲି ପୋଲିସ କହିଛି । ଏହା ପୂର୍ବରୁ ପୋଲିସ ପାଇକମାଳ, ବୁଡ଼େନ, ନୂଆପଡ଼ା, ଜଗଦଲପୁର, ପଦ୍ମପୁର ଆଦି ଅଞ୍ଚଳରେ ଚଢ଼ାଉ କରି ୩ ଅଭିଯୁକ୍ତ ଧନପତି ନାଗ, ସମ୍ପଦ ନାଗ ଏବଂ ଅନ୍ତର ଭୁଏଁଙ୍କୁ ଗିରଫ କରିଥିଲା। ଗତ ୧୨ତାରିଖ ଘଟିଥିବା ଏହି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୪ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା ବୋଲି ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି ।

## ନବରାତ୍ର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ସଇଁତଲା,୧୭।୯ (ଡି.ଏନ.ଏ.): ଚଳିତବର୍ଷ ହେବାକୁ ଥିବା ନବରାତ୍ର ଦୁର୍ଗାପୂଜା ପାଇଁ ସଇଁତଲାସ୍ଥିତ ଦୁର୍ଗାମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ସମ୍ପାଦକ ସୁବୋଧ ମିଶ୍ରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ବୈଠକରେ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ କିଶନ ଅଗ୍ରୱାଲ, ଶିକ୍ଷାବିତ୍ ସତ୍ୟ ନାରାୟଣ ବେହେରା, ବିଜୟ କୁମାର ରଥ, ସୁବାଷ ରଥ, ସରପଞ୍ଚ ଭୀମସେନ ସ୍ୱାଇଁ, କପିଳ ଅଗ୍ରୱାଲ ଯୋଗ ଦେଇଥିଲେ । କରୋନାକୁ ଦୃଷ୍ଟିରେ ରଖି ଚଳିତବର୍ଷ ନିରାଡ଼ମ୍ବର ଭାବରେ ପୂଜା କରାଯିବା ସହ ମୂର୍ତ୍ତିର ଉଚ୍ଚତା ସରକାରଙ୍କ ନିର୍ଦ୍ଦେଶାନୁସାରେ ତିଆରି ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ କମିଟିର ପ୍ରଶାନ୍ତ ପୃଷ୍ଟେଠ, ଛନ୍ଦା ବେହେରା, କୃଷ୍ଣ ଚନ୍ଦ୍ର ପୃଷ୍ଟେଠ, ବଜରଙ୍ଗ ଲାଲ ଅଗ୍ରୱାଲ, ଝସକେତନ ମନହୀରା, ମେଟ ଜାନୀ, ଦେବରାଜ ପଣ୍ଡା, କୁନା ପାଣିଗ୍ରାହୀ, ବିନୟ ଭୋଇ, ଦିଲୀପ ବର୍ଗର୍ତି, ମନୋଜ ପୃଷ୍ଟେଠଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୮୦ ଲିଟର ମଦ ଜବତ, ଜଣେ ଗିରଫ

ଉଲୁଣ୍ଡା,୧୭।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସାଲେପାଲି ଗ୍ରାମରେ ଶୁକ୍ରବାର ପୋଲିସ ଚଢ଼ାଉ କରି ୮୦ ଲିଟର ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଫିଲିପ ଡାଙ୍ଗ। ପ୍ରକାଶ ଯେ, ଅପରାହ୍ନ ସମୟରେ ସାଲେପାଲିରେ ବେଆଇନ ମଦ କାରବାର ହେଉଥିବା ଖବର ପାଇ ଏସଆଇ ଟଙ୍କଧର ଛତ୍ରିଆଙ୍କ ନେତୃତ୍ୱରେ ଉକ୍ତ ଗ୍ରାମରେ ଚଢ଼ାଉ କରାଯାଇଥିଲା। ସେଠାରୁ ୮୦ ଲିଟର ମଦ ଜବତ ସହ ମଦ ରନ୍ଧା ପାଇଁ ବ୍ୟବହୃତ ଗୁଡ଼, ମହୁଲ ଏବଂ ମଦ ରନ୍ଧା ସାମଗ୍ରୀ ଜବତ ହୋଇଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଏସପତ୍ରାପଲି ଜଙ୍ଗଲରେ ଚଢ଼ାଉ କରାଯାଇ ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ଶିବଲାଲ ତାଣ୍ଡି, ନିଲିମା ପଟ୍ଟନାଏକ, ସତ୍ୟ ପଧାନ, ଶତ୍ରୁଘ୍ନ ମେହେର, ରଞ୍ଜନ ସରାଫ, ଯୁଧିଷ୍ଠିର କହଁର, ତ୍ରିଭଙ୍ଗ ମାଝି , ପ୍ରକାଶ ପାଣ୍ଡେ ପ୍ରମୁଖ ସାମିଲ ଥିଲେ।

## ମହାନଦୀକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଉଦ୍ଧାର କଲେ ଅଗ୍ନିଶମ ବିଭାଗ କର୍ମଚାରୀ**

ସୋନପୁର,୧୭।୯(ନି.ପ୍ର.): ଶୁକ୍ରବାର ସୋନପୁର ମହାନଦୀ ସେତୁ ଉପରୁ ନଦୀ ଗର୍ଭକୁ ଡେଇଁ ସାରଥୀ ତାଣ୍ଡି(୩୨) ନାମକ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରିଛନ୍ତି । ସାରଥୀଙ୍କ ଘର ସୋନପୁର ସହରର ଶାନ୍ତିନଗର ଅଞ୍ଚଳରେ। ସେ ନଦୀରେ ଭାସି ଯାଉଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ନଦୀରୁ ଉଦ୍ଧାର ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡି ଦିଆଯାଇଛି । ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାଯାଇଛି। ସାରଥୀ ସେତୁ ଉପରେ ସାଇକେଲ, ମୋବାଇଲ, ଜୋତା ଓ ଏଟିଏମ୍ କାର୍ଡ ରଖି ନଦୀ ଗର୍ଭକୁ ଡେଇଁ ପଡିଥିଲେ । ତେବେ ସେ କଣ ପାଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

# ରାଉରକେଲାରେ ହେବ ସ୍ମାର୍ଟ ଗ୍ରୀଡ୍ ଷ୍ଟେଶନ

ରାଉରକେଲା ଅଫିସ,୧୭।୯

ରାଉରକେଲା ଠାରେ ସ୍ୱତନ୍ତ୍ର ସ୍ମାର୍ଟ ଗ୍ରୀଡ୍ ଷ୍ଟେଶନ ନିର୍ମାଣ କରାଯିବ। ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଏବଂ ଗୃହ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଗୁରୁବାର ସନ୍ଧ୍ୟାରେ ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଦ୍ୟୁତ୍ ଏବଂ ଶିଳ୍ପ ବିକାଶ ସମୀକ୍ଷା ବୈଠକରେ ଯୋଗଦେଇ ଏହା କହିଛନ୍ତି। ଏହି ବୈଠକରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ମିଶ୍ର ରାଉରକେଲା ସହରରେ କିପରି ବିଦ୍ୟୁତ୍ ସରବରାହ ଠିକ ଭାବେ ସମସ୍ତଙ୍କ ପାଖକୁ ପହଞ୍ଚିପାରିବ


ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ହକି ଷ୍ଟାଡିୟମ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରୁଛନ୍ତି।

ସେ ଦିଗରେ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଘରୋଇ, ବ୍ୟବସାୟିକ ତଥା ଶିଳ୍ପ ବ୍ୟବହାର ପାଇଁ ବିଦ୍ୟୁତ୍ ସେବା କିପରି ଉନ୍ନତମାନର ହୋଇପାରିବ ସେଥିପାଇଁ ସ୍ୱତନ୍ତ୍ର ସ୍ମାର୍ଟ ଗ୍ରୀଡ୍ ଷ୍ଟେଶନ ନିର୍ମାଣ କରିବାକୁ ମନ୍ତ୍ରୀ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସେମାନଙ୍କୁ ଯଥା ସମୟ ମଧ୍ୟରେ ଜାଗା ଚିହ୍ନଟ କରିବାକୁ କହିଥିଲେ। ଏହାଛଡା ବଣାଇଁ, ଗୁରୁଣ୍ଡିଆ ବ୍ଲକରେ ବିଦ୍ୟୁତ୍ ସମସ୍ୟା ଉପରେ ବିଧାୟକ ନାୟକ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାର ଯଥାଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଦ୍ୟୁତ୍, ଶିଳ୍ପ ଓ ଇଡ୍‌କୋ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ମନ୍ତ୍ରୀ ମିଶ୍ର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ ପରିଦର୍ଶନ କରିଥିଲେ ଏବଂ ଷ୍ଟାଡ଼ିୟମ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ସମୟରେ ରାଉରକେଲା ଏଡିଏମ ଦିବ୍ୟଜ୍ୟୋତି ପରିଡ଼ା, ଇଡ୍‌କୋର ଡିଭିଜନାଲ ପ୍ରମୁଖ ବିଜୟ କୁମାର ମହାନ୍ତି, ଏଲ୍‌ଆଣ୍ଡ୍‌ଟିର ପ୍ରୋଜେକ୍ଟ ମ୍ୟାନେଜର ଏସ୍. କେ. ନାରାୟଣ ଏବଂ ଡିଜାଇନ ଟିମ ଉପସ୍ଥିତ ଥିଲେ।

# ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ


ଗିରଫ ୩ ଅଭିଯୁକ୍ତ।

**ସ୍ତ୍ରୀଙ୍କୁ ହତ୍ୟା କରି ପୋତି ଦେଇଥିବା ଘଟଣା**

ନୂଆପଡା ଅଫିସ/ଖଡିଆଳ, ୧୭।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ରିଷଗାଁରେ ନବ ବିବାହିତା ସୁମିତ୍ରା ଦଳ (୨୦)ଙ୍କୁ ହତ୍ୟା କରି ଆତ୍ମହତ୍ୟା କରିଥିବା ଦର୍ଶାଇ ପୋତି ଦିଆଯାଇଥିଲା। ସୁମିତ୍ରାଙ୍କୁ ହତ୍ୟା କରାଯାଇଛି ବୋଲି ଖଡିଆଳ ଥାନାରେ ତାଙ୍କ ବାପା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଶୁକ୍ରବାର ସୁମିତ୍ରାଙ୍କ ସ୍ୱାମୀ ଚିତମନ ଦଳ, ଶାଶୁ ପୂର୍ଣେବାଇ ଦଳ, ଶ୍ୱଶୁର ଦୌଣ ଦଳଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୩୫/୨୧) ରୁଜୁ ହୋଇଥିଲା। ପୋଲିସ ସନ୍ଧାନୀ କୁକୁର ଓ ସାଇନର୍ଟିଫିକ ଦଳ ସହାୟତାରେ ତଦନ୍ତ ଜାରି ରହିଥିଲା। ସୁମିତ୍ରାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ପୋଡି ପୋତି ଦିଆଯାଇଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ସୁମିତ୍ରାଙ୍କୁ ଶାରୀରିକ, ମାନସିକ ଓ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଖଡିଆଳ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ସନ୍ତକ ଜେନା ଓ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସୂଚନା ଯେ, ୧୩ ତାରିଖରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା। ୧୪ ତାରିଖରେ ସୁମିତ୍ରାଙ୍କୁ ହତ୍ୟା କରି ଆତ୍ମହତ୍ୟା କରିଥିବା ଦର୍ଶାଇ ସ୍ୱାମୀ ଓ ଶ୍ୱଶୁର ହତ୍ୟା କରି ପୋତି ଦେଇଥିଲେ। ଏହା ଆତ୍ମହତ୍ୟା ନୁହେଁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ପୋତି ଦେଇଥିଲେ ବୋଲି ସୁମିତ୍ରାଙ୍କ ବାପା ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ରାସ୍ତା ଅବରୋଧ

ବଲାଙ୍ଗୀର ଅଫିସ/ପୁଇଁତଲା, ୧୭।୯(ଡି.ଏନ୍.ଏ.)

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ସାତମାଇଲ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଦୁଇ ବାଇକ୍ ଆରୋହୀଙ୍କ ଉପରେ ଏକ ଟ୍ରକ୍ ମାଡିଯିବାରୁ ଘଟଣାସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବାଇକ ଆରୋହୀ ଜଣକ ହେଲେ ପୁଇଁତଲା ଥାନା କୁଲେରବାହାଲି ଗ୍ରାମର ଅର୍ଜୁନ ବାଗ (୪୦)। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିବା ସହ ପୋଲିସ ଉପସ୍ଥିତିରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିଥିଲେ।

ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ କୁଲେରବାହାଲି ଗ୍ରାମର ଅର୍ଜୁନ ଓ ତାଙ୍କର ଜଣେ ସମ୍ପର୍କୀୟ ଟିମାପାଲିର ଲମ୍ବୋଦର ବରର୍ଗୀ ବଲାଙ୍ଗୀର ଅଭିମୁଖେ ଯାଉଥିଲେ। ସାତମାଇଲ ଛକ ନିକଟରେ ଏହି ବାଇକ୍ ଆରୋହୀଙ୍କ ଉପରେ ଏକ ଟ୍ରକ୍ ମାଡି ଯାଇଥିଲା। ଘଟଣାସ୍ଥଳରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିଲା ଏବଂ ଗୁରୁତର ଲମ୍ବୋଦରଙ୍କୁ ପୋଲିସ ଭୀମଭୋଇ


ଉତ୍ତ୍ୟକ୍ତ ଲୋକେ ପୋଲିସ ଉପସ୍ଥିତିରେ ଡ୍ରାଇଭରଙ୍କୁ ମାଡ ମାରୁଛନ୍ତି।

- ପୋଲିସ ଉପସ୍ଥିତିରେ ଟ୍ରକ୍ ଡ୍ରାଇଭରଙ୍କୁ ନିସ୍ତୁକ ପିଟିଲେ
- ଜଣେ ବାଇକ୍ ଆରୋହୀ, ଟ୍ରକ୍ ଡ୍ରାଇଭର ଗୁରୁତର

ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ତେବେ ଉତ୍ତ୍ୟକ୍ତ ଲୋକେ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଜାତୀୟ ରାଜପଥକୁ ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିଥିଲେ। ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ପହଞ୍ଚି ଡ୍ରାଇଭରଙ୍କୁ ସେଠାରୁ ଅନ୍ୟତ୍ର ନେବାକୁ ଚେଷ୍ଟା କରିଥିଲେ ମଧ ଲୋକେ ଡ୍ରାଇଭରଙ୍କୁ ମାଡ ମାରିଥିଲେ। ଏହି ମାଡ ଘଟଣାର ଭିଡିଓ ଭାଇରାଲ ହୋଇଛି।

ଦୀର୍ଘ ସମୟ ଧରି ଲୋକେ ରାସ୍ତା ଅବରୋଧ କରିବା ପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରାଯାଇଥିଲା। ଉପ ଜିଲାପାଳ ଲମ୍ବୋଦର ଧରୁଆ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇ ଥିଲେ। ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଦିଆଯିବା ସହ କ୍ଷତିପୂରଣ ଦାବି ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ସମସ୍ତଙ୍କ ମୃତଦେହ ଜବତ କଲା ଅଗ୍ନିଶମ ବିଭାଗ

**୩ ଯୁବକ ପାଣିରେ ଭାସି ନିଖୋଜ ହେବା ଘଟଣା**

ନୂଆପଡ଼ା ଅଫିସ,୧୭।୯

ନୂଆପଡା ସଦର ମହକୁମାରେ ଗୁରୁବାର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ପତୋରା ଡ୍ୟାମସ୍ଥିତ ଜଳପ୍ରପାତ ଗୋଧିସକୁ ଯାଇଥିବା ବେଳେ ପାଣିରେ ଭାସିଯାଇ ୩ଜଣ ଯୁବକ ନିଲେସ ସିଂ (୩୫), ଅମିତ କୁମାର ଗୁପ୍ତା (୨୫) ଓ ରାଜ କୁମାର ଗୁପ୍ତା (୨୪) ନିଖୋଜ ଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ଶୁକ୍ରବାର ନୂଆପଡା ଅଗ୍ନିଶମ ବିଭାଗ ୩ ଜଣଙ୍କ ମୃତଦେହକୁ ଜବତ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ପହଞ୍ଚିବା ବେଳେ ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରି ନାହିଁ। ମୃତ ୩ଜଣ ବିହାର ରାଜ୍ୟର ହୋଇଥିବାରୁ ତାଙ୍କ ପରିବାର ଖବର ପାଇ ମୃତ ଶରୀରକୁ ନେବା ପାଇଁ ନୂଆପଡା ଆସିଛନ୍ତି। ଏ ସଂକ୍ରାନ୍ତରେ ଧରମବନ୍ଧା ଆଇଆଇସି ସଞ୍ଜୁକ୍ତା ବାର୍ଲାଙ୍କୁ ପଚାରିବାରୁ ଉଦ୍ଧାର କାର୍ଯ୍ୟ ଶେଷ ହେବାକୁ ଅପରାହ୍ନ ୨ଟା ସମୟ ହୋଇଗଲା। ତାଙ୍କର କାଗଜାତ ଠିକ କରିବା ପର୍ଯ୍ୟନ୍ତ ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇନାହିଁ। ସେମାନଙ୍କ ପରିବାର ବିହାରରୁ ମୃତଦେହ ନେବା ପାଇଁ ଆସିଛନ୍ତି। ଜିଲାପାଳଙ୍କୁ ଆମେ ଲିଖିତ ଜଣାଉଛୁ। ସେ ଅନୁମତି ଦେଲେ ରାତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଥିଲେ। ସୂଚନା ଯେ, ଗୁରୁବାର ନୂଆପଡା ସଦର ମହକୁମାରେ ଥିବା ଏକ ବିଦେଶୀ ମଦ ଦୋକାନର ୬ଜଣ ଯୁବକ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ପତୋରା ଡ୍ୟାମସ୍ଥିତ ଜଳପ୍ରପାତ ଗୋଧିସକୁ ଯାଇଥିଲେ। ମୂର୍ତ୍ତି ବିସର୍ଜନ ବେଳେ ଗୋଧିସରେ ପଡୁଥିବା ପାଣି ସ୍ରୋତରେ ୩ଜଣ ଭାସିଯାଇ ନିଖୋଜ ହୋଇଥିଲେ।

# ଘର ସମ୍ମୁଖରୁ ଟେକିନେଇ ଯୁବକଙ୍କୁ କଚାଡ଼ି ମାରିଲା ବଣୁଆ ହାତୀ


ବଣୁଆ ହାତୀ ବ୍ରାହ୍ମଣୀ ଗାଁରେ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଇଛି।

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୧୭।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲାର ଖପ୍ରାଖୋଲ ବ୍ଲକ ତଥା ହରିଶଙ୍କର ରେଞ୍ଜ ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପାହାଡ ତଳ ଅଞ୍ଚଳରେ ଏକାଧିକ ବଣୁଆ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ଏକ ବଣୁଆ ହାତୀ ପାହାଡ ତଳ ବ୍ରାହ୍ମଣୀ ଗାଁକୁ ପଶି ଆସିଥିଲା। ହାତୀ ଗର୍ଜନ ଶୁଣିବା ପରେ ସେହି ଗାଁର ଯାଦବ ରଣା (୪୦) ଘରୁ ବାହାରି ଆସିଥିଲେ। ଏତିକି ବେଳେ ଦନ୍ତା ହାତୀଟି ଯାଦବଙ୍କୁ ଟେକି ନେଇ ତଳେ କଚାଡି ଦେଇ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯାଦବଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ହାତୀ ସେହୀ ଗାଁରେ ତିନି ଜଣ ଲୋକଙ୍କ ଘର ଭାଙ୍ଗି ଦେଇଥିଲା। ସେହିପରି ଶୁକ୍ରବାର ସକାଳୁ ସେହି ଗାଁର ତରଣୀ ଭୋଇ ଗାଁ ନିକଟ ଝରଣାକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡିଥିଲେ। ତାଙ୍କୁ ହାତୀ ଆକ୍ରମଣ କରି ଜଙ୍ଗଲକୁ ଚାଲି ଯାଇଥିଲା। ପରେ ହାତୀଟି ଚାଷୀ ମନୋଜ ସାହୁଙ୍କ କଦଳୀ ବଗିଚାରେ ପଶି ଗଛ ନଷ୍ଟ କରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଖବର ପାଇ ଖପ୍ରାଖୋଲ ରେଞ୍ଜର ଶ୍ରୀବତ୍ସ କୁମାର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା ଏବଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ତରଣୀଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ପଠାଇଥିଲେ। ଏହାସହିତ ଖପ୍ରାଖୋଲ ଥାନା ପୋଲିସ ଯାଦବଙ୍କ ମୃତଦେହକୁ ଜବତ କରି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

# ବେରୋଜଗାର ଦିବସ ପାଳିଲା ଯୁବକଂଗ୍ରେସ

ରାଉରକେଲା ଅଫିସ,୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଯୁବ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ରାଷ୍ଟ୍ରୀୟ ବେରୋଜଗାରୀ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଶୁକ୍ରବାର ରାଉରକେଲା ଉଦିତନଗର ଆମ୍ବେଡ଼କର ଛକରେ ସ୍ଥାନୀୟ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଶତାଧିକ କର୍ମୀ ଯୋଗଦେଇ ବେରୋଜଗାର ଦିବସ ପାଳନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୁବ ସମାଜ ପ୍ରତି କରିଥିବା ଅନ୍ୟାୟ ଓ ସେମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବାରୁ ନୈତିକତା ଦୃଷ୍ଟିରୁ ତୁରନ୍ତ ନିଜ ପଦବୀରୁ


ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ବେରୋଜଗାର ଦିବସ ପାଳନ କରାଯାଉଛି।

ଓହରିବାକୁ ଯୁବ କଂଗ୍ରେସ ସଭାପତି ଦାସ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବୀରେନ ସେନାପତିଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ମୋଦି ସରକାର ବାର୍ଷିକ ୨କୋଟି ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ସରକାର ଯୁବ ସମାଜ ପ୍ରତି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଯୁବ ସମାଜକୁ ଭୂଆଁ ବୁଲାଉଛି। ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏହି ବିକ୍ଷୋଭରେ ଯୁବ କଂଗ୍ରେସର ଅନୀଲ ଗୁରୁଙ୍ଗ, ବିଶ୍ୱ ଭୂଷଣ ସର, ସୁଧୀର ଚୌହାନ, ବିବେକ ବଡ଼ାଇକ, ୱାସିମ ହକ, ଅନମୋଲ ରାୟ ଓ ମୁକେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ, ପକୁଡ଼ି ଛାଣି ପ୍ରତିବାଦ

ଜୁନାଗଡ,୧୭,୧୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ବେରୋଜଗାରୀ ଦିବସ ରୂପେ ପାଳନ କରିଛି ଜିଲା ଯୁବ କଂଗ୍ରେସ। ପକୁଡି ଛାଣି କଂଗ୍ରେସ କର୍ମୀମାନେ ଏହାର ପ୍ରତିବାଦ କରିଥିଲେ। ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ, ସମ୍ପାଦକ ସତ୍ୟ ନାରାୟଣ ସରାଫ, ଜୁନାଗଡ ନଗର ସଭାପତି କୈଳାସ ଅଗ୍ରୱାଲ, ଯୁବ ନେତା ପ୍ରଭାତ ଦାଶ, ଜିଲା ଓବିସି ସେଲ ସଭାପତି ପରମେଶ୍ୱର ମୋଟେଲ, ଯୁବ ସଭାପତି ନବିନ ଟାକ୍ରି, ବରିଷ୍ଠ ନେତା ସୁରେଶ ପଣ୍ଡା, ମାଧବ ସୁନାନୀ ପ୍ରମୁଖ ଯୋଗଦେଇ ବେରୋଜଗାରୀ, ଦରଦାମକୁ ନେଇ ମୋଦି ସରକାରଙ୍କ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି ସାଉଲ ମଙ୍ଗରାଜ ପରିଚାଳନା କରିଥିଲେ।


କଂଗ୍ରେସର ବେରୋଜଗାରୀ ଦିବସ।

# ଏସ୍‌ଏଚ୍‌ଜିକୁ ସୌରଚାଳିତ ଶୀତଳଭଣ୍ଡାର ଦାୟିତ୍ୱ

ରାଉରକେଲା ଅଫିସ୍, ୧୭।୯

ଚାଷୀ, ଛୋଟ ପରିବା ଏବଂ ଫଳ ବ୍ୟବସାୟୀମାନଙ୍କ ସୁବିଧା ପାଇଁ ରାଉରକେଲା ସହରରେ ସୌରଚାଳିତ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। ଏହି ଶୀତଳଭଣ୍ଡାରକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପରିଚାଳନା କରିବେ। ଏ ନେଇ ପ୍ରଥମ ପର୍ଯ୍ୟାୟରେ ୨ଟି ଏସ୍‌ଏଚ୍‌ଜିକୁ ଚୟନ କରାଯାଇଛି। ଏହି ଶୀତଳଭଣ୍ଡାରକୁ କିପରି ପରିଚାଳନା କରାଯିବ ସେ ନେଇ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ରାଉରକେଲା ମହାନଗର ନିଗମ ଓ କୋଏଲ ଫ୍ରେସ ପ୍ରାଇଭେଟ ଲିମିଟେଡର ମିଳିତ ସହଯୋଗରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ତାଲିମ ଦିଆଯାଇଛି।

ରାଉରକେଲା ସହରରେ ଶୀତଳ ଭଣ୍ଡାର ସୁବିଧା ନ ଥିବାରୁ ଫଳ ଓ ପନିପରିବା ବିକ୍ରି କରୁଥିବା କ୍ଷୁଦ୍ର ବ୍ୟବସାୟୀମାନେ ବିଭିନ୍ନ ସମୟରେ


ତାଲିମ୍ ନେଇଥିବା ଏସ୍‌ଏଚ୍‌ଜି ମହିଳାମାନେ।

ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ସେମାନେ କ୍ଷତି ସହୁଥିବା ଲକ୍ଷ୍ୟ କରାଯାଇଛି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ ପକ୍ଷରୁ ୫ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। ଫଳରେ ପରିବା ଏବଂ ଫଳ ବ୍ୟବସାୟୀମାନେ ନିଜ ସାମଗ୍ରୀର ସଂରକ୍ଷଣ କରିପାରିବା ସହିତ ମିଶନ ଶକ୍ତିର ମା'ମାନଙ୍କୁ ଜୀବିକା ମିଳିବ। ଏହାସହ ସହରବାସୀ ସତେଜ ପନିପରିବା ଓ ଫଳ ପାଇପାରିବେ। ଶୀତଳଭଣ୍ଡାର ପରିଚାଳନା ଲାଗି ଚୟନ ହୋଇଥିବା ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୂର୍ବରୁ ରାଉରକେଲା ମହାନଗର ନିଗମ ସହ କାର୍ଯ୍ୟ କରିଛନ୍ତି। ସେମାନେ ବିଭିନ୍ନ ପ୍ରକାରର କାର୍ଯ୍ୟକୁ ସୁଚାରୁରୂପେ କରୁଥିବାରୁ ସେମାନଙ୍କୁ ଏହି ପ୍ରକଳ୍ପ ପାଇଁ ଚୟନ କରାଯାଇଛି।

ନିକଟରେ ହୋଇଥିବା 'ବ୍ଲୁମବର୍ଗ-୨୦୨୧ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ' ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରାଉରକେଲା ସହର ଚୂଡାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇ ବିଶ୍ୱର ୫୦ଟି ପ୍ରମୁଖ ସହର ମଧ୍ୟରେ ସ୍ଥାନ ପାଇଥିଲା। କୋଭିଡ୍ ମହାମାରୀ ଭଳି ଏକ ଜଟିଳ ସମୟରେ ଅର୍ଥନୈତିକ ପୁନରୁଦ୍ଧାର ଏବଂ ସାମଗ୍ରିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଜନକଲ୍ୟାଣ, ଜଳବାୟୁ ଓ ପରିବେଶ ତଥା ଉତ୍ତମ ଶାସନ ଓ ସମାନତା ଆଦି ବିଷୟକୁ ଆଧାର କରି ଆସିଥିବା ୬୩୦ଟି ପ୍ରସ୍ତାବକୁ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ଅଭିନବ ତଥା ଉଦ୍ଭାବନଶୀଳ ପ୍ରକଳ୍ପ ପ୍ରସ୍ତାବ ଲାଗି ରାଉରକେଲା ସମେତ ୫୦ଟି ସହର ଫାଇନାଲିଷ୍ଟ ହୋଇପାରିଛନ୍ତି। ଏବେ ରାଉରକେଲା ସହରକୁ ବିଶ୍ୱର ଶୀର୍ଷ ୧୫ଟି ସହର ଭିତରେ ସ୍ଥାନ ଦେବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି।

## ନିରାଡମ୍ବର ଭାବରେ ପାଳନ ହେଲା ବିଶ୍ୱକର୍ମା ପୂଜା

ବୌଦ୍ଧ,(ସ୍ୱ.ପ୍ର): କରୋନା କଟକଣାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲାରେ ନିରାଡମ୍ବର ଭାବରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ, ଜଳସମ୍ପଦ ବିଭାଜନ, ପୂର୍ତ୍ତ ବିଭାଗ, ଉଠାଜଳସେଚନ ଆଦି ସରକାରୀ କାର୍ଯ୍ୟାଳୟ ସମେତ ଜିଲା ଟ୍ରକମାଲିକ ସଂଘ, ଘରୋଇ ବସ ମାଲିକ ସଂଘ, ଟାକ୍ସି ମାଲିକ ସଂଘ ଓ ବିଭିନ୍ନ ଗ୍ୟାରେଜରେ ନିରାଡମ୍ବର ଭାବରେ ବିଶ୍ୱକର୍ମାଙ୍କ ପୂଜାଯୋବ ପାଳନ କରାଯାଇଛି। ପୂଜା ମଣ୍ଡକୁ ଭକ୍ତଙ୍କୁ କଟକଣା ରହିଥିବାବେଳେ କେବଳ ନିତିକାନ୍ତି ପାଳନ ସହିତ ପୂଜା କରାଯାଇଛି।

## ସଂକ୍ଷେପରେ

### ଶିକ୍ଷକଙ୍କ ବଦାନ୍ୟତା ମେଧାବୃତ୍ତି ପାଇଁ ଦେଲେ ଲକ୍ଷେ



**ବରଗଡ଼ ଅଫିସ୍,୧୭।୯:** ବରଗଡ଼ ଜିଲା ସରସରା ନିବାସୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଗୌରଚନ୍ଦ୍ର ଭୋଇ ବରଗଡ଼ ସହର ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ୧ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏ ବାବଦକୁ ଏକ ଚେକ୍ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁ ଗ୍ରହଣ କରିଥିଲେ। ଏହି ରାଶିକୁ ବିଦ୍ୟାଳୟ ଆକାଉଣ୍ଟରେ ସ୍ଥାୟୀ ଜମା କରି ସୁଧ ଅର୍ଥକୁ ପ୍ରତିବର୍ଷ ଶିଶୁ ଦିବସରେ ଗୌରଚନ୍ଦ୍ର ଭୋଇ ଏବଂ ସ୍ୱର୍ଗତା ଦେବହୂତି ଭୋଇ ମେଧାବୃତ୍ତି ନାମରେ ଷଷ୍ଠ ଶ୍ରେଣୀର ୩ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବାକୁ ସେ ଇଚ୍ଛାପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କ ଏଭଳି ବଦାନ୍ୟତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ନିଗମାନନ୍ଦ ବିହାରରେ ହୋମଯଜ୍ଞ



**ବରଗଡ଼ ଅଫିସ୍,୧୭।୯:** ବରଗଡ଼ ନିଗମାନନ୍ଦ ବିହାରଠାରେ ସାମୂହିକ ସତ୍‌ସଙ୍ଗ, ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଞ୍ଜ ବିହାରୀ ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତ ପଡ଼ାବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବାଙ୍କ ବିହାରୀ ସାହୁ, ଅର୍ଜୁନ ମହାପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ଅଶୋକ ହୋତା, ସତ୍ୟବାନ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

### ମହାନଦୀ ଜଗତି ଘାଟରୁ ମୃତଦେହ ଜବତ

**ବାଉଁଶୁଣୀ,୧୭।୯(ଡି.ଏନ୍.ଏ.):** ବୌଦ୍ଧ ଜିଲା ଜହ୍ନାପଙ୍କ ଫାଣ୍ଡି ଜଗତୀ ନିକଟ ମହାନଦୀ କୂଳରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଲାଗିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ କିଛି ଲୋକ ଅପରାହ୍ନ ପ୍ରାୟ ୫ ଘଣ୍ଟାରେ ବନ୍ୟା ଦେଖିବା ପାଇଁ ଜଗତୀ ସ୍ଥିତ ମହାନଦୀ କୂଳକୁ ଯାଇଥିଲେ। ସେ ସମୟରେ ନଦୀ କୂଳରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଦେହରେ କ୍ଷତବିକ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ତେବେ ମହାନଦୀ ବନ୍ୟା ପରିସ୍ଥିତି ଯୋଗୁ ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରିବାରେ ଅସମର୍ଥ ହେବାରୁ ସ୍ଥାନୀୟ ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଛନ୍ତି । ଜହ୍ନାପଙ୍କ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି।

### ମହାନଦୀ ଜଳ ସ୍ଥିର, ଟଳିଲା ବନ୍ୟା ଆଶଙ୍କା

**ବୌଦ୍ଧ,୧୭।୯ (ସ୍ୱ.ପ୍ର):** ବୌଦ୍ଧ ଜିଲାରେ ବର୍ଷା ନ ଥିଲେ ମଧ୍ୟ ମହାନଦୀରେ ଜଳସ୍ତର ବିପଦ ସଙ୍କେତଠାରୁ ପ୍ରାୟ ୧ ମିଟର ତଳେ ପ୍ରବାହିତ ହେଉଛି। ତେଲ, ବାଘ ଓ ସାଲୁଙ୍କୀ ନଦୀରେ ଜଳସ୍ତର ଖସୁଥିବା ଯୋଗୁ ଜିଲାରେ ବନ୍ୟା ଆଶଙ୍କା ଟଳିଛି। ତେବେ ପୁଣି ଲଘୁଚାପ ନେଇ ସତର୍କ କରାଯାଇଥିବାରୁ ନଦୀକୂଳିଆ ଲୋକମାନେ ବନ୍ୟା ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବନ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ପ୍ରସ୍ତୁତ ରଖାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ଔଷଧ ସବୁ ମହାଜୁଦ ରଖାଯାଇଛି। ଗତ ଲଗାଣବର୍ଷା ଜିଲାରେ ବ୍ୟାପକ କ୍ଷତି କରିଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ଆକଳନ ଆରମ୍ଭ ହୋଇଛି। ଲଗାଣ ବର୍ଷା ଯୋଗୁ ଅନେକ ସ୍ଥାନରେ ରାସ୍ତା ଧୋଇ ଯାଇଥିବାବେଳେ ଛୋଟ ପୋଲ, କଲଭର୍ଟ ସବୁ ଭାସି ଯାଇଥିବାରୁ ଲୋକମାନେ ଯାତାୟତ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଲଗାଣ ବର୍ଷା ଯୋଗୁ ଜିଲାରେ ଫସଲ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚଳିତବର୍ଷ ଚାଷୀ ପରିବାର ସମ୍ପୂର୍ଣ୍ଣ ଭାବରେ କ୍ଷତିର ଶୀକାର ହୋଇଛନ୍ତି। ଅନେକ ସ୍ଥାନରେ ମହାନଦୀ ଜଳ ଓ ବର୍ଷାଜଳ ଜମି ରହିଥିବାରୁ ହେକ୍ଟର ହେକ୍ଟର ଚାଷ ଜମି ଏବେ ମଧ୍ୟ ଜଳମଗ୍ନ ରହିଛି। ତେଣୁ ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହିତ ସମସ୍ତ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ ଚାଷୀ ସଙ୍ଗଠନମାନଙ୍କ ପକ୍ଷରୁ ଦାବି ହେଉଛି।

# ଘୁଚିପାଲି, ରତନପୁର ପରିଦର୍ଶନ କଲେ ପ୍ରମୁଖ ଶାସନ ସଚିବ

**ଦେଓଗାଁ,୧୭।୯(ଡି.ଏନ.ଏ.)**

ଶୁକ୍ରବାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲି ଓ ରତନପୁର ଗ୍ରାମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଘୁଚିପାଲି ଗ୍ରାମରେ ଓଡିଶା ଜୀବିକା ମିଶନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିଲେ। ଉକ୍ତ ଗ୍ରାମର ଅନେକ ପରିବାର ପଟ୍ଟା ନ ପାଇବାରୁ ସରକାରୀ ଯୋଜନାର ଲାଭ ପାଇ ପାରୁନାହାନ୍ତି। ଗ୍ରାମବାସୀ ଏ ନେଇ ସଚିବଙ୍କ ନିକଟରେ ଅଭିଯୋଗ କରି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପରେ ରତନପୁର ଗ୍ରାମରେ ମହିଳାମାନଙ୍କ ଦ୍ୱାରା ଚାଲିଥିବା ଛେଳି ପାଳନ ଓ ଛତୁ ଚାଷକୁ ଦେଖିଥିଲେ। ଏଥିସହିତ ମହିଳାମାନଙ୍କ ଆୟ ଉପରେ ପଚାରିଥିଲେ। ଗ୍ରାମର ଜଣେ ୭୦ ବର୍ଷୀୟା ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ଥିବା ନେଇ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ସାତ ଦିନ ମଧ୍ୟରେ ଭତ୍ତା ଯୋଗାଇ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ହେଉ ନ ଥିବା ଜାଣି ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହିତ ବିଡିଓ ମୁରଲୀଧର ନାଏକଙ୍କୁ ଏହି ଯୋଜନାରେ ତୁରନ୍ତ କାମ ଯୋଗାଇ ଦେବା ସହ ଶ୍ରମିକମାନଙ୍କୁ ବର୍ଷକୁ ୩୦୮ ଦିନ କାମ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗ୍ରାମରେ ମହିଳାମାନେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ରୋଜଗାର କରୁଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ । ସଚିବଙ୍କ ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଓଡିଶା ଜୀବିକା ମିଶନ ଜିଲା ସଂଯୋଜକ କମଲେନ୍ଦୁ ପାଲ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ ଛତ୍ରିଆ, ବିଏଲସି ସବ୍ୟାରାଣୀ ମହାଲିଙ୍ଗ, କସ୍ତୁରୀ ତରାଇ, ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ, କୃଷ୍ଣପ୍ରିୟା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ କ୍ଷୁଦ୍ରଶସ୍ୟ ବର୍ଷ ଓ ପୋଷଣ ବଗିଚା ଉତ୍ସବ ପାଳିତ



ପାଲଝାରଠାରେ ଆନ୍ତର୍ଜାତିକ କ୍ଷୁଦ୍ରଶସ୍ୟ ବର୍ଷ ଅବସରରେ ବୈଠକ।

**ବଘିଆପଡା,୧୭।୯(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ପାଲଝାର ଠାରେ କୃଷି ବିଜ୍ଞାନ କେନ୍ଦ୍ର ଓ ଇଫକୋର ମିଳିତ ସହଯୋଗରେ ଆନ୍ତର୍ଜାତିକ କ୍ଷୁଦ୍ରଶସ୍ୟ ବର୍ଷ ଓ ପୋଷଣ ବଗିଚା ମହାଅଭିଯାନ, ବୃକ୍ଷ ରୋପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଗ୍ରାମରୁ ୧୦୦ ଚାଷୀ, ମହିଳା ଚାଷୀ ଓ ୫୦ ଶିଶୁ କନ୍ୟା ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତା ରାଣୀ ଦଳବେହେରା ଓ ସମ୍ମାନିତ ଅତିଥି ଭାବରେ ଜିଲା ମୁଖ୍ୟ କୃଷି ଅଧିକାରୀ ସାରଦା ପ୍ରସାଦ ମିଶ୍ର, ମିଶନ ଶକ୍ତି ଜିଲା ସଂଯୋଜକ ଦେବଦତ୍ତ ମିଶ୍ର ଓ ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର ବଘିଆପଡାର ସହକାରୀ ନିର୍ଦ୍ଦେଶକ ଡ. ରଜନୀଶ ମିଶ୍ର ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଅନେକ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଶହେ ଗୋଟି ଫଳଗଛ ଓ ପନିପରିବା କିଟ୍ ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ସୁସ୍ମିତା ପ୍ରିୟଦର୍ଶିନୀ, ମୟୂରୀ ସିଂହଦରଦାର, ବିକ୍ରମ କେଶରୀ ପରମାଣିକ, ସଦାକତ ଅଲ୍ଲୀ, ବିଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ଉମାଦେବୀ ହାଇସ୍କୁଲରେ ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଶୁକ୍ରବାର ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଗମାନନ୍ଦ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ଫାଷ୍ଟ ଏଡର ସଦାନନ୍ଦ ନାଏକ ପ୍ରାଥମିକ ଉପଚାରର ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହାସହିତ ଦୁର୍ଘଟଣା ରିକଭରି ପୋଜିସନ, ହାତଗୋଡ ଭଙ୍ଗା, ମୂର୍ଚ୍ଛା ହୋଇଯିବା, ମୁଣ୍ଡର ଖପୁରି ଚଡକିବା, ଗୋଡହାତ କଟିଯିବା, ନାକରୁ ରକ୍ତ ବାହାରିବା ଆଦିର ପ୍ରାଥମିକ ଉପଚାର ପାଇଁ ଡେମୋଷ୍ଟ୍ରେସନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସ୍କୁଲର ଶିକ୍ଷକ ମାନଭଞ୍ଜନ ପାଢୀ, ଦୀନବନ୍ଧୁ ବଡମାଲି, ଉମେଶ ଦେହୁରୀ,ସଦାନନ୍ଦ ମହାକୁର,ସୁବ୍ରତ କର୍ମୀ,ରଞ୍ଜନ ପାଣ୍ଡେ, ଦଧିବାବନ ମହାକୁର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାଥମିକ ଉପଚାର ଉପରେ ମତ ରଖିଥିଲେ। ଶେଷରେ ସ୍ୱର୍ଣ୍ଣରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




କାଦୋଦର ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଉପଚାର ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

# ପଦବୀ ହରାଇଲେ ମନହୀରା ସରପଞ୍ଚ

**ଲୋଇସିଂହା,୧୭।୯(ଡି.ଏନ.ଏ)**

ସମ୍ପର୍କୀୟଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ହାତେଇବା ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ସରପଞ୍ଚ ବ୍ରଜ ପୁଟେଲଙ୍କୁ ମହଙ୍ଗା ପଡିଛି । କ୍ଷମତାର ଦୂରୁପଯୋଗ କରିଥିବାରୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ ପିଆର-ପିଏଡିଏମ-ଇଏସଏସଟି-୦୦୪୪-୨୦୨୦)୧୫୨୦୩ ତା୮।୯।୨୦୨୧ରିଖରେ ସରପଞ୍ଚ ପୁଟେଲଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି । ସରପଞ୍ଚ ତାଙ୍କ ସମ୍ପର୍କୀୟଙ୍କ ନାମରେ ଘର ହାତେଇଥିବା ନେଇ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ରାଜ୍ୟ ସରକାର ୨୦୨୧ ଜାନୁୟାରୀ ୨୫ ତାରିଖ ଦିନ ସରପଞ୍ଚଙ୍କୁ ନିଲମ୍ବିତ କରିଥିଲେ। ଏହାକୁ ପୁଟେଲ ଚାଲେଞ୍ଜ କରି ଫେବୃୟାରୀ ୧୧ ତାରିଖରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ନିଜ ପଦବୀ ଫେରି ପାଇବା ପାଇଁ ସେ ନିବେଦନ କରିଥିଲେ। ତେବେ ଗତ ୬ ତାରିଖରେ ସ୍ୱତନ୍ତ୍ର ଭାବେ ବିଭାଗୀୟ ମନ୍ତ୍ରୀ ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ, ବିଡିଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ପୁଟେଲଙ୍କୁ ନେଇ ଭର୍ଚୁଆଲ ମିଟିଂ କରିଥିଲେ। ହେଲେ ସରପଞ୍ଚ ଦାଖଲ କରିଥିବା ଦସ୍ତାବିଜକୁ ନେଇ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଉକ୍ତ ପଦବୀ ଫେରି ପାଇଲେ ପଞ୍ଚାୟତ କ୍ଷତିଗ୍ରସ୍ତ ହେବ ବୋଲି ଅନୁଭବ କରିଥିଲେ । ଏହି କ୍ରମରେ ଉକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପିଇଓ ସାଗର ପଧାନଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିଥିଲେ।

# ବିଶ୍ୱକର୍ମା ପୂଜା ସହ ଅଷ୍ଟପ୍ରହର ନାମଯଜ୍ଞ

**ବାଉଁଶୁଣୀ,୧୭।୯(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଡ୍ରାଇଭର ମହାସଂଘ ତରଫରୁ ଶୁକ୍ରବାର ନିଜସ୍ୱ ଷ୍ଟାଣ୍ଡଠାରେ ବିଶ୍ୱକର୍ମା ପୂଜା ସହ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବରେ ସୁରେନ୍ଦ୍ର ଚାନ୍ଦ ଥିବା ବେଳେ କର୍ତ୍ତା ଭାବରେ ଶଶିଭୂଷଣ ମହାକୁଳ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହା ସହିତ ନାମଯଜ୍ଞରେ କର୍ତ୍ତାଭାବେ ଆନନ୍ଦ ଖଟୁଆ ଓ ସପତ୍ନୀ ରିନା ଖଟୁଆ ପୂଜା କାର୍ଯ୍ୟ ତୁଲାଇଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ବୌଦ୍ଧ ବ୍ଲକର ସଭାପତି ପଦ୍ମଲୋଚନ ମହଲାଙ୍କ ସମେତ ୭ ପଞ୍ଚାୟତ ତଥା ବହିରା, ଅଁଳାପାଲି, ଗୋଛାପଡା, ଗୁନ୍ଦୁଳି, ମନୁପାଲି, ବାଉଁଶୁଣୀ, ଖଲିଆପାଲିର ସମସ୍ତ ଆଡମିନଙ୍କ ସହ ସମସ୍ତ ଡ୍ରାଇଭର ନିଜ ଗାଡି ଆଣି ବାଉଁଶୁଣୀ ଷ୍ଟାଣ୍ଡଠାରେ ପୂଜା କରିଥିଲେ। ପ୍ରଥମେ ବାଉଁଶୁଣୀ ବାଘ ନଦୀରୁ କଳସିରେ ପାଣି ଆଣି ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। କୋଭିଡ୍ କଟକଣା ନିୟମ ମାନି ସମସ୍ତ କର୍ମକର୍ତ୍ତା ମୁହଁରେ ମାସ୍କ ପରିଧାନ କରି ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ଜମଟାଙ୍ଗି କୀର୍ତ୍ତନ୍ୟ ମଣ୍ଡଳୀ ଅଧିବାସ କରିଥିଲେ। ୩୦ଟି କୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେବେ ବୋଲି ସଂଘର ସଭାପତି ଆନନ୍ଦ ଖଟୁଆ କହିଛନ୍ତି।



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳିମାନେ।

# ଫୁଟବଲ: ଖରମୁଣ୍ଡା ଚାମ୍ପିୟନ

**ବରଗଡ଼ ଅଫିସ୍,୧୭।୯**

ବରଗଡ଼ ସହର ଉପକଣ୍ଠ ଖେଦାପାଲି ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଉକ୍ତ ପ୍ରତିଯୋଗିତାର ଫାଇନାଲକୁ ବରଡ଼ୋଲର ଭାରତ କ୍ଲବ ଏବଂ ବିଜେପୁର ବ୍ଲକ ଖରମୁଣ୍ଡା ଫୁଟବଲ ଦଳ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଖରମୁଣ୍ଡା ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଖରମୁଣ୍ଡାକୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଦଳକୁ ନଗଦ ୭ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ଅନୀଲ ବାଗ, ପଞ୍ଚାନନ ପାତ୍ର, ନିରଞ୍ଜନ ମହାକୁଡ଼, ଅଶ୍ୱିନୀ ମେହେର, ଶିବାନନ୍ଦ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଭାଜପା କର୍ମୀ ଫଳ ବାଣ୍ଟିଲେ

**ଲୋଇସିଂହା,୧୭।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମଦିନ ଅବସରରେ ଶୁକ୍ରବାର ଲୋଇସିଂହା ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଭାଜପା କର୍ମୀ ଗୌରାଙ୍ଗ ନାଏକ, ରାଜୁସାହୁ, ସୁଦୀପ ସା ,ରଶ୍ମିରଞ୍ଜନ ପଧାନଙ୍କ ସମେତ ବହୁ କର୍ମୀ ହସ୍ପିଟାଲ ଯାଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ।

# ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ତାଲିମଦାତା, ଅଙ୍ଗନୱାଡି କର୍ମୀ।

**ବାଉଁଶୁଣୀ,୧୭।୯(ଡି.ଏନ୍.ଏ.)**

ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକରେ ସେଭ ଦି ଚିଲଡ୍ରେନ ସହାୟତାରେ ଅଙ୍ଗନୱାଡ଼ି କର୍ମୀମାନଙ୍କର ୫ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କଣ୍ଟାମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଥିବା ଦୁଇଟି ପ୍ରଶିକ୍ଷଣ ଗୃହରେ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ପର୍ଯ୍ୟାୟ କ୍ରମେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀ ପ୍ରଶିକ୍ଷଣ ନେବାର ବ୍ୟବସ୍ଥା ହୋଇଛି। ଏହି ତୃତୀୟ ପର୍ଯ୍ୟାୟ ତାଲିମ ଶିବିର ସମସ୍ତ କୋଭିଡ ଗାଇଡଲାଇନ ଯଥା ମାସ୍କ ପିନ୍ଧିବା, ସାବୁନ ବ୍ୟବହାରରେ ହାତ୍‌ଧୋଇବା, ସାନିଟାଇଜର ବ୍ୟବହାର କରିବା ଓ ଶାରୀରିକ ଦୂରତା ବଜାୟ ରଖିବାକୁ କଡାକଡି କରାଯାଇଛି। ସେଭ ଦି ଚିଲଡ୍ରେନର ଦଶଜଣିଆ ପ୍ରଶିକ୍ଷକ ଟିମ୍ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

# ଗାଁ ପିଲା କଲେ ରାସ୍ତା ମରାମତି

**ବରଗଡ଼ ଅଫିସ୍,୧୭।୯**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ କର୍ଲା ଗ୍ରାମରୁ ଜୁନାନୀ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଯିବା ଆସିବା ସମ୍ଭବ ହେଉନାହିଁ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶୁକ୍ରବାର ଗ୍ରାମର ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ଗାଁ ପିଲାମାନେ ରାସ୍ତା ମରାମତି କରିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ଗାଁ ପିଲାମାନେ ରାସ୍ତା ମରାମତି କରୁଛନ୍ତି।

# ପୋଷଣ ବଗିଚା ଯୋଗାଇବ ସନ୍ତୁଳିତ ଆହାର

**ସୋନପୁର,୧୭।୯(ନି.ପ୍ର.)**

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସବୁ ବର୍ଗର ଲୋକଙ୍କୁ ସନ୍ତୁଳିତ ଆହାର ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣର ସବୁଜ ପନିପରିବା ଉତ୍ପାଦନ ଏହି ଆବଶ୍ୟକତା ପୂରଣ କରିପାରିବ ।ତେଣୁ ବଜାର ଉପରେ ସବୁବେଳେ ନିର୍ଭର ନ କରି ନିଜ ବାଡିରେ ପୋଷଣ ବଗିଚା କରନ୍ତୁ। ନିରୋଗ ରହିବା ପାଇଁ ଜୈବିକ ସାର ବ୍ୟବହାର କରି ସତେଜ ପନିପରିବା ଖାଆନ୍ତୁ। ଅନ୍ତର୍ଜାତୀୟ ପୋଷକ ଶସ୍ୟ ବର୍ଷ ୨୦୨୩ ଉପଲକ୍ଷେ ଶୁକ୍ରବାର ଆୟୋଜିତ ପୋଷଣ ବାଟିକା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଏହି ପରାମର୍ଶ ଦେଇଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନକୁ ନଜରରେ ରଖି ବୃକ୍ଷରୋପଣର ମହତ୍ତ୍ୱ ଉପରେ ବୁଝାଇଥିଲେ। ଇଫ୍‌କୋର କ୍ଷେତ୍ର ପରିଚାଳକ ପ୍ରଶିତ କୁମାର ପାଣିଗ୍ରାହୀ ପୋଷକ ଶସ୍ୟ ଯଥା ମାଣ୍ଡିଆ, କନ୍ଦା ଓ ସୁଆଁ ଆଦି ଖାଦ୍ୟ କିପରି ଲୋକମାନଙ୍କ ମଧ୍ୟରେ ଆଦୃତ ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାଏ ମାଣ୍ଡିଆରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ଯଥା ଲଡୁ, ବିସ୍କୁଟ୍, ହାଲୁଆ ଇତ୍ୟାଦିର ପ୍ରସ୍ତୁତି ଉପରେ ବୁଝାଇଥିଲେ। ଆସନ୍ତା ୨୦୨୩ ସୁଦ୍ଧା ଆମ ଦେଶ କିପରି ଅନ୍ୟ ଦେଶମାନଙ୍କୁ ପୋଷକ ଶସ୍ୟ ରପ୍ତାନି କରିବା ଲାଗି ସକ୍ଷମ ହୋଇପାରିବ ସେ ସମ୍ପର୍କରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରାଯାଇଥିଲା। ଚାଷୀମାନଙ୍କୁ ଫଳ ଗଛ, ପନିପରିବା ଚାରା ଓ ପନିପରିବା କିଟ୍ ବଣ୍ଟନ ହୋଇଥିଲା। ସେହିପରି ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଗୁଡିକୁ କିଶୋରୀ ଓ ଚାଷୀମାନଙ୍କୁ ବିତରଣ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ ସଂଯୋଜନା କରିଥିଲେ। ଲୋପାମୁଦ୍ରା ରାଏ ଧନ୍ୟବାଦ ଅର୍ପଣ କରିଥିଲେ।



ପୋଷକ ବାଟିକା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କିଶୋରୀମାନଙ୍କୁ ମାଣ୍ଡିଆ ଲଡୁ ବିତରଣ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ସେପ୍ଟେମ୍ବର, ୨୦୨୧



**ନୂଆଁଖାଇ ଭେଟ୍‌ଘାଟ୍ ପାଳିତ**

**ସରଣ୍ଡା,(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ମାଁ ସମଲେଇ ମନ୍ଦିର ପରିସରରେ ଶୁକ୍ରବାର ନାଗରିକ କମିଟିର ୧୫ତମ ନୂଆଁଖାଇ ଭେଟ୍‌ଘାଟ୍ ସଭାପତି ହାରାଧନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଡ଼ଭଗା ସାରସ୍ୱତ ମହାବିଦ୍ୟାଳୟ ଯୁକ୍ତ ୨ର ଅଧକ୍ଷ ପ୍ରମୋଦ କୁମାର ପ୍ରଧାନ, ଯୁକ୍ତ ୩ର ପ୍ରତିମା ପାଳ ଓ ମାରୱାଡି ସମାଜ ସଭାପତି ରାମାବତାର ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଗରିକ କମିଟି ସମ୍ପାଦକ ଉପେନ୍ଦ୍ର ପଣ୍ଡା ବିବରଣୀ ପାଠ ଏବଂ ସୁଧୀର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ୪୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ନୂଆପଡ଼ା ଅଫିସ,୧୭।୯:** ନୂଆପଡା ଜିଲା ଖରିଆର ରୋଡ ରେଲୱେ ଫାଟକ ନିକଟରୁ ପୋଲିସ ଗଞ୍ଜେଇ ସହ ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ୨ଜଣ ଯୁବକ ହେଲେ ଉତ୍ତର ପ୍ରଦେଶର ବିପିନ ଚୌଧୁରୀ (୨୦) ଓ ମଧ୍ୟପ୍ରଦେଶର ପ୍ରସେନ ସିଂ ଯାଦବ (୨୦)। ଉଭୟେ ଦୁଇଟି ଅଖାରେ ଗଞ୍ଜେଇ ଧରି ରାୟପୁର ଯିବା ପାଇଁ ଗାଡି ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଁ ଇନିସପେକ୍ଟର ଇନ୍ଦ୍ରମଣି ସାହୁଙ୍କ ନେତୃତ୍ୱରେ ଏକ ଦଳ ଖରିଆର ରୋଡ ରେଲୱେ ଫାଟକ ପାଖରେ ୨ଜଣ ଯୁବକଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୨ଟି ଅଖାରେ ୨୦ କିଲୋଗ୍ରାମ ଲେଖାଏଁ ୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଢାଉରେ ଇନିସପେକ୍ଟର ହିରାବତି ହାତି, ଗୁପ୍ତେଶ୍ୱର ପଟେଲ, ସୋନା ମାଝି, ଗିରେନ୍ଦ୍ର କଟା, ସଂଜିବ ସାହୁ, ମଳୟ କୁମାର ମହାଲିଙ୍ଗ, ମୁରଲିଧର ଶବର, ଦେବିସିଂ ମାଝି ପ୍ରମୁଖ ସାମିଲ ଥିଲେ ।

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଦେଓଗାଁ,୧୭।୯(ଡି.ଏନ.ଏ.):** ଶୁକ୍ରବାର ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଗରପାଲି କଲୋନୀ ନିକଟରେ ବୋଲେରୋ ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ରହିଛି । ପ୍ରକାଶ ଯେ, ଲୋଇସିଂହା ଥାନା ଡୁଙ୍ଗୁରିପାଲିର ବିନୋଦ କୁମାର ବୁଡେକ (୨୩) ଓ ତାଙ୍କ କାକା ସହଦେବ ବୁଡେକ ଏକ ବାଇକ୍ ଯୋଗେ ନାଇକେନଶିରା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଏହି ସମୟରେ ସଇଁତଲା ପଟୁ ଆସୁଥିବାଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଫଳରେ ବିନୋଦଙ୍କ ଦୁଇଟି ଗୋଡରେ ଗୁରୁତର ଆଘାତ ଲାଗିଥିବା ବେଳେ ଡାହାଣ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।ସହଦେବ ସାମାନ୍ୟ ଆହତ ହୋଇଛନ୍ତି । ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଆହତ ଯୁବକଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ପୋଲିସ ପହଞ୍ଚି ବାଇକ୍‌କୁ ଜବତ କରି ତଦନ୍ତ ଚଲାଇଛି।

### ପଞ୍ଚାୟତସ୍ତରୀୟ କଂଗ୍ରେସ ସଭାପତି ସମ୍ମିଳନୀ

**ନୂଆପଡ଼ା ଅଫିସ,୧୭।୯:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଦଳକୁ ମଜଭୁତ କରିବା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରତି ପଞ୍ଚାୟତରେ କାମ୍ପେନିଂ କରି ପଞ୍ଚାୟତ କଂଗ୍ରେସ ସଭାପତି ଚୟନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୋମନା ବ୍ଲକ ଜୋନ ନଂ-୨ ଲଖନା ସଭାଗୃହରେ ଶୁକ୍ରବାର ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କଂଗ୍ରେସ ସଭାପତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ୨ ନମ୍ବର ଜୋନର ୧୨ଟି ପଞ୍ଚାୟତ ସଭାପତିମାନେ ଯୋଗଦେଇଥିଲେ। ନବନିଯୁକ୍ତ ପଞ୍ଚୟତ ସଭାପତିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଭକ୍ତରାମ ଶବର, କୈଳାସ ବାଗ, ଇସାଦ ଖାନ, ବିରଞ୍ଚି ବାଗ, ଦେବେନ୍ଦ୍ର ବାଗ, ବୁଲୁ ସାହୁ, ରାଏଧର ବଘେଲ, ପ୍ରମାନନ୍ଦ ଭୋଇ, ପ୍ରେମ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

### ଦଶମୀ ତିଥିରେ ମାଣିକେଶ୍ୱରୀଙ୍କଠାରେ ଲାଗିଲା ନବାନ୍ନ

**ଭବାନୀପାଟଣା,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗତ ପ୍ରତିପଦା, ପଞ୍ଚମୀ, ସପ୍ତମୀ, ନବମୀ ତିଥିରେ ନୂଆଁଖାଇ ସାରିଥିବା ବେଳେ ଜିଲାର ଭବାନୀପାଟଣା, ଜୟପାଟଣା, ଲାଞ୍ଜିଗଡ ଓ ଥୁ.ରାମପୁର ସହରରେ ଗୁରୁବାର ଦଶମୀ ତିଥିରେ ମା' ମାଣିକେଶ୍ୱରୀଙ୍କ ପାଖରେ ନବାନ୍ନ ଭୋଗ ଲାଗିଥିଲା। ସକାଳ ୮ଟାରୁ ୯ଟା ମଧରେ ନବାନ୍ନ ଲାଗିବା ପରେ ପୂର୍ବାହ୍ନ ୧୦.୩୬ରୁ ୧୨.୪୪ ମିନିଟ୍ ମଧରେ ଅଞ୍ଚଳବାସୀ ଆନନ୍ଦ ଉଲ୍ଲାସରେ ନୂଆଁ ଖାଇଛନ୍ତି। ସେହିପରି ୧୫ ତାରିଖରେ ମ.ରାମପୁର ଅଞ୍ଚଳବାସୀ ନୂଆଁଖାଇ ଥିବାବେଳେ ଗୁରୁବାର ଦଶମୀ ତିଥିରେ ଭବାନୀପାଟଣା, ଜୟପାଟଣା, ଥୁ.ରାମପୁର ଏବଂ ଲାଞ୍ଜିଗଡ ସହରାଞ୍ଚଳ ସମେତ ତାର ଆଖପାଖ ଅଞ୍ଚଳବାସୀ ମା' ମାଣିକେଶ୍ୱରୀ ଏବଂ ଉକ୍ତ ଅଞ୍ଚଳରେ ଥିବା ଗ୍ରାମ ଦେବଦେବୀଙ୍କଠାରେ ନବାନ୍ନ ଭୋଗ ଦେବା ପରେ ନିଜ ନିଜ ଇଷ୍ଟଦେବୀଙ୍କଠାରେ ପୂଜାର୍ଚ୍ଚନା କରି ନୂଆଁ ଖାଇଥିଲେ।

# 'ଜିଲାର ସର୍ବାଙ୍ଗୀନ ବିକାଶ ତ୍ୱରାନ୍ୱିତ ହେଉଛି'

**ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ବଲାଙ୍ଗୀର ଜିଲା ଗସ୍ତ**

■ ଆକାଂକ୍ଷୀ ଜିଲାର ଉନ୍ନୟନ କାର୍ଯ୍ୟ ତଦାରଖ କଲେ

**ବଲାଙ୍ଗୀର ଅଫିସ,୧୭।୯**


ଶକ୍ତି ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

ଓଡିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ନୀତି ଆୟୋଗର ଆକାଂକ୍ଷୀ ଜିଲା ତାଲିକାଭୁକ୍ତ ବଲାଙ୍ଗୀର ଜିଲା ସେକ୍ରେଟରୀ ଇନଚାର୍ଜ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ସରକାରୀ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ। ପୂର୍ବାହ୍ନରେ ତୁଷରା ଉଡାଜାହାଜ ପଡିଆରେ ଅବତରଣ କରିବା ପରେ ସେ ଦେଓଗାଁ ବ୍ଲକ ଗାଇବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘୁଚେପାଲି ଗ୍ରାମକୁ ଯାଇ ଓଡିଶା ଜୀବିକା ମିଶନ ସହଯୋଗରେ କାର୍ଯ୍ୟକାରୀ ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ। ରତନପୁରର ଛେଳିପାଳନ କ୍ଲଷ୍ଟର, ମା' ତାରିଣୀ ସ୍ୱୟଂ ସହାୟକ ଦଳର ମାଛ ଚାଷ, ଗୋଦାବରୀ ପ୍ରଡ୍ୟୁସର ଗ୍ରୁପ୍‌ର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ମା' ସନ୍ତୋଷୀ ଏସ୍‌ଏଚ୍‌ଜିର ଛତୁ ଚାଷ ପରିଦଶନ କରି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ବଲାଙ୍ଗୀର ସଦର ବ୍ଲକର ଚୁଡାପାଲି ବୁଣାକାର ସମବାୟ ସମିତି ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଝାଙ୍କରପାଲି ଗ୍ରାମକୁ ଯାଇ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ କୃଷି ଓ ଉଦ୍ୟାନ କୃଷି କାର୍ଯ୍ୟକ୍ରମରେ ବାସନା କିସମର ଧାନ ଚାଷ, ଆମ୍ବ ଓ ପନିପରିବା ଚାଷ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଚିବ ଧଳ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ପରିଦର୍ଶନରେ ଆସି ଭିତ୍ତିଭୂମି ନିରୀକ୍ଷଣ କରିବା ସହ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କାର୍ଯ୍ୟ ତଦାରଖ କରିଥିଲେ। ଅପରାହ୍ଣରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରିଦର୍ଶନ କରିଥିଲେ। ୫-ଟି ଅନ୍ତର୍ଗତ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ସ୍କୁଲରେ କିଭଳି ଭାବେ ଉନ୍ନୟନ କାର୍ଯ୍ୟ ଚାଲିଛି ତଦାରଖ କରିଥିଲେ। ଏଠାରେ ସ୍କୁଲର ଇ-ଲାଇବ୍ରେରୀ, ବିଜ୍ଞାନ ଲାବ୍, ସ୍ମାର୍ଟକ୍ଲାସ୍, ୟୁଟ୍ୟୁବ କ୍ଲାସ୍ ପରିଦର୍ଶନ କରିଥିଲେ।ସେଠାରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ ପରିସରରେ ପ୍ରଶାସକ ଧଳ ଓ ଜିଲାପାଳ ଚଞ୍ଚଳ ରାଣା ବୃକ୍ଷରୋପଣ କରିଥିଲେ।ଏହି ଅବସରରେ ଗଣମାଧମ ପ୍ରତିନିଧିଙ୍କୁ ଜିଲାର ସର୍ବାଙ୍ଗୀନ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ମହିଳାମାନେ ଏସ୍‌ଏଚ୍‌ଜି ଜରିଆରେ ସ୍ୱାବଲମ୍ବୀ ହେଉଛନ୍ତି। ଜିଲାର ରାସ୍ତାଘାଟ ଉନ୍ନତି ହୋଇ ଚାଲିଛି ବୋଲି ସଚିବ ଧଳ ସୂଚନା ଦେଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ରାଣାଙ୍କ ସହ ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ଏବିଡିଓ ରାମଦତ୍ତ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ମୋଦିଙ୍କ ଜନ୍ମ ଦିବସରେ ୭୧ ଦୀପ ପ୍ରଜ୍ୱଳନ


ସିକୁଆଁ ଶିବମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଛି ।

**ଦେଓଗାଁ,୧୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିବସ ଉପଲକ୍ଷେ ବ୍ଲକ ଭାଜପା ପକ୍ଷରୁ ୭୧ଟି ଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବ ପାଳନ କରାଯାଇଛି । ଭାଜପା ଯୁବମୋର୍ଚ୍ଚା ଜିଲା ଉପ-ସଭାପତି ଭୋଲାନାଥ ସାହୁଙ୍କ ତତ୍ତ୍ୱାବଧାନରେ ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା,ଶଶୀଭୂଷଣ ପାଣିଗ୍ରାହୀ, ସୁରେଶ ଭୋଇ, ଯୁଗେଶ୍ୱର ପଧାନ,ମାନୁ ମେଲ୍ହି, ଘନଶ୍ୟାମ ନନ୍ଦ, ଦିଗରାଜ ପଧାନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘଜୀବନ କାମନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଫଳ ବଣ୍ଟନ



ଫଳ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀ ବୃନ୍ଦ।

**ନୂଆପଡ଼ା ଅଫିସ,୧୭।୯**

ନୂଆପଡା ଜିଲା ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଜୟନ୍ତୀ ଅବସରରେ ସେବା ସମର୍ପଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ଚିକିତ୍ସାଳୟରେ ଫଳ ଓ ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚିକିତ୍ସାଳୟରେ ଥିବା ପ୍ରତେକ ରୋଗୀ ଏବଂ ସମ୍ପର୍କୀୟଙ୍କୁ ବିଭିନ୍ନ ଫଳ, ବିସ୍କୁଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ତୁଳସ ପଟେଲ, ଦିଲୀପ ନିର୍ମଳକର, ବିଜୟ ଚନ୍ଦ୍ରପାର, ଭାଜପା ମହିଳା ମୋର୍ଚ୍ଚା ସଭାପତି ତାରେଶ୍ୱରୀ ସାହୁ, ଜେମା ମଞ୍ଜୁରୀ ପାଣ୍ଡେ, ସରିତା ସିଂ, ଭୁବନେଶ୍ୱରୀ ଦଣ୍ଡସେନା, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଂଗ୍ରେସ କର୍ମୀ ବିକିଲେ ପକୁଡ଼ି


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ ବେରୋଜଗାର ଦିବସ ରୂପେ ପାଳନ କରି ଜିଲା ଯୁବ କଂଗ୍ରେସ କର୍ମୀମାନେ ଶୁକ୍ରବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପକୁଡି ବିକ୍ରି କରି ଅଭିନବ ପ୍ରତିବାଦ ଜଣାଇଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ, ଯୁବକ କଂଗ୍ରେସ ସହ ଜିଲା କଂଗ୍ରେସ କମିଟିର ବହୁ ସଦସ୍ୟ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାଛଡା ବେରୋଜଗାର ଦିବସ ପାଳନ ପୂର୍ବକ ରାସ୍ତା କଡରେ ପକୁଡି ଛାଣି ଯାତାୟାତ କରୁଥିବା ଲୋକଙ୍କୁ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଛାତ୍ର ସଭାପତି ଅଙ୍କିତ ସାହୁ, ସଞ୍ଜୟ ମିଶ୍ର, ଜୁଲୁ ପଟ୍ଟନାୟକ, ବ୍ୟାସଦେବ ନନ୍ଦ ,ଅବିନାଶ ପ୍ରସାଦ ସାଏ, ଅଶ୍ୱିନୀ ରାଉତ, ଜିତେନ୍ଦ୍ର ନାଏକ, ଟୁଲୁ ସେନ, ଗୌରବ ଶର୍ମା, ଅଞ୍ଚଳ ପଣ୍ଡା, ସୁଜିତ କୁମାର, ଅମୂଲ୍ୟ ସେଠ, ବ୍ରଜ ସେଠୀ, ସାଇନା ବେଗମ, ବବିତା ସହୁ, ଗୋବିନ୍ଦ ଜାଲ, ବନମାଳୀ ସାହୁ, ଗୌରବ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। କ୍ଷମତାକୁ ଆସିଲେ ପ୍ରତିବର୍ଷ ଦୁଇ କୋଟି ଯୁବକଙ୍କ ଲାଗି ରୋଜଗାର ସୃଷ୍ଟି କରାଯିବ ବୋଲି ସରକାର ଘୋଷଣା କରିଥିଲେ। ତେବେ କ୍ଷମତାକୁ ଆସିବା ପରେ ଦେଶରେ ବେରୋଜଗାରୀର ସମସ୍ତ ରେକର୍ଡ ଭାଙ୍ଗିଛି ବୋଲି କଂଗ୍ରେସ ନେତା ଓ କର୍ମୀମାନେ କଡା ସମାଲୋଚନା କରିଥିଲେ।

## ଭାଜପାର କୃଷକ, ସୈନିକ ସମ୍ମାନ ଦିବସ

**ଜୁନାଗଡ,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଅଗ୍ରସେନ ଭବନଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ଭାଜପା ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ କୃଷକ, ସୈନିକ ସମ୍ମାନ ଦିବସ ପାଳିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ବସନ୍ତ ପୁରୋହିତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ମୁଖ୍ୟବକ୍ତା ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲା ଯୁବ ସଭାପତି ବିଜୟଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୋଦିଙ୍କ ଶାସନରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ଓ ଏହାଦ୍ୱାରା ସାଧାରଣ ଲୋକେ କିପରି ଉପକୃତ ହୋଇଛନ୍ତି ତାହା ସମ୍ପର୍କରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପରେ ଜିଲାର ବିଭିନ୍ନ ବ୍ଲକରୁ ୫ଜଣ କୃତୀ କୃଷକ ଓ ଅବସର ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ ପରିଚାଳନା କରିଥିଲେ। ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭାଜପା କର୍ମୀଙ୍କ ପକ୍ଷରୁ ମୋଦିଙ୍କ ଜନ୍ମଦିନ ପାଳନ

**କୋକସରା,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ମଣ୍ଡଳ ଭାଜପା ମଣ୍ଡଳ ପ୍ରଭାରୀ ତଥା ଜିଲା ସମ୍ପାଦକ ଗୋଦାବରୀଶ ପାତ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଆମପାଣି ବୁଢ଼ାରଜା ମନ୍ଦିରରେ କର୍ମୀମାନେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରି ଦୀର୍ଘ ମୋଦିଙ୍କ ନିରାମୟ ଜୀବନ କାମନା କରିଛନ୍ତି। ମନ୍ଦିର ପରିସରରେ ଚାରା ରୋପଣ ଓ ଆମପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ହଂସ, ଭଜମାନ ନାଏକ, ସନ୍ତୋଷ ମାଝିଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତଥିଲେ।

## କୋଭିଡ୍‌ରେ ମୃତ ଖବରଦାତାଙ୍କ ପରିବାରକୁ ସହାୟତା

**ଭବାନୀପାଟଣା,୧୭।୯(ସ୍ୱ.ପ୍ର.)**



ମୃତ ଖବରଦାତାଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

କୋଭିଡ୍ ମହାମାରୀରେ ପ୍ରାଣ ହରାଇଥିବା କଳାହାଣ୍ଡି ଭବାନୀପାଟଣା ନକ୍ଷତ୍ରନ୍ୟୁଜ୍ ଜିଲା ଖବରଦାତା ଭାନୁପ୍ରକାଶ ରଥ ପରିବାରଙ୍କୁ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅନଲାଇନ ମାଧ୍ୟମରେ ଦିଆଯାଇଥିବା ଏହି ସହାୟତା ରାଶିର ପ୍ରମାଣପତ୍ରକୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପରାହ୍ନରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶୀଚନ୍ଦନ ଓ ସୁଶାନ୍ତ କୁମାର ପଟେଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭାନୁପ୍ରକାଶ ରଥଙ୍କ ସ୍ତ୍ରୀ ସୁଦିପ୍ତା ଦାଶଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଡିଆଇପିଆରଓ ମନୋଜ କୁମାର ବେହେରା, ନିଜାରତ୍ ଅଧିକାରୀ ଶଙ୍କର ନାଗ, ଜରୁରୀ ଅଧିକାରୀ ସୁଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୨୧ ଏପ୍ରିଲ ୨୯ରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଖବରଦାତା ଭାନୁପ୍ରକାଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିଶାଖପାଟଣାରେ ମୃତ୍ୟୁ ଘଟିଥିଲା।

## ୪୭ କେଜି ଗଞ୍ଜେଇ ଜବତ

**କେସିଙ୍ଗା,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନ ନିକଟ ଦେଇଯାଇଥିବା ରାସ୍ତାରୁ କେସିଙ୍ଗା ପୋଲିସ ୪୭ କେଜି ଚୋରା ଗଞ୍ଜେଇ ସହ ୨ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫଙ୍କ ମଧ୍ୟରୁ ଜଣେ ନାବାଳକ ରହିଥିବା ବେଳେ ଅନ୍ୟ ଜଣେ ହେଲେ ଅଶୋକ ଯାଦବ (୩୮)। ଭବାନୀପାଟଣାରୁ ଅହମ୍ମଦାବାଦକୁ ଗଞ୍ଜେଇ ଚାଲାଣ ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲା। ପରେ ତାଙ୍କଠାରୁ ଗଞ୍ଜେଇ, ମୋବାଇଲ, ଟଙ୍କା ପୋଲିସ ଜବତ କରିଛି। ଚଢ଼ାଉରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଏବଂ କେସିଙ୍ଗା ପୋଲିସ ଟିମ୍ ସାମିଲ ଥିଲେ।

## ଭାଜପା ପକ୍ଷରୁ ରକ୍ତଦାନ ଶିବିର


ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି ।

**ସୋନପୁର,୧୭।୯(ନି.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିନ ଅବସରରେ ସୁବର୍ଣ୍ଣପୁର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ଶିବିରରେ ୪୬ ଜଣ ଭାଜପା କର୍ମକର୍ତ୍ତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବିଶି, ଜଗଜ୍ୟୋତି ତ୍ରିପାଠୀ, ଅନନ୍ତ ପାଣିଗ୍ରାହୀ, ତ୍ରିଲୋଚନ ତରିଆ, ଜ୍ଞାନରଞ୍ଜନ ପୂଜାହାରୀ ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ସୀମାଞ୍ଚଳ ମନୋନୀତ

**ଭବାନୀପାଟଣା,୧୭।୯(ଡି.ଏନ.ଏ.)**


ସୀମାଞ୍ଚଳ କାଡ୍ରାକା।

କଳାହାଣ୍ଡି ଜିଲାର ସୀମାଞ୍ଚଳ କାଡ୍ରାକା ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ନିମନ୍ତେ ଓଡିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ହେବା ପରେ ଜିଲାବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଓଡିଶା ପ୍ରତିନିଧି ଦଳରେ ସୀମାଞ୍ଚଳ ସାମିଲ ହୋଇଛନ୍ତି ବୋଲି କଳାହାଣ୍ଡି କ୍ରୀଡା ସଂସ୍ଥା ସହ ସମ୍ପାଦକ ସୁନୀଲ ବେହେରା ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଜାମସେଦପୁର ଟାଟା ନଗରରେ ୪୦ତମ ଏନ୍‌ଟିପିସି ସିନିୟର ଜାତୀୟ ତୀରନ୍ଦାଜ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ।

# ଲଟେରି ଲୋଭ ଦେଖାଇ ଠକେଇ ଉଦ୍ୟମ

**ବରଗଡ଼ ଅଫିସ୍,୧୭।୯**


ଠକେଇରୁ ବର୍ତ୍ତିଥିବା ବ୍ୟକ୍ତି ବ୍ୟାଙ୍କ କର୍ମଚାରୀଙ୍କଠାରୁ ଜମାରାଶି ଗ୍ରହଣ କରୁଛନ୍ତି।

ବରଗଡ଼ ଜିଲା ଭେଡ଼େନ ଅଞ୍ଚଳର ଅଶୋକ ବେହେରାଙ୍କୁ ୨୫ଲକ୍ଷ ଟଙ୍କାର ଲଟେରି ଲୋଭ ଦେଖାଇ ଠକେଇ ଉଦ୍ୟମ ବିଫଳ ହୋଇଛି। ସ୍ଥାନୀୟ ପୋଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ତତ୍ପରତା ଯୋଗୁ ଅଶୋକ ଏଭଳି ଏକ ଠକେଇରୁ ରକ୍ଷା ପାଇଯାଇଛନ୍ତି ।

ପ୍ରକାଶ ଯେ, ଅଶୋକଙ୍କ ମୋବାଇଲକୁ ସେ ୨୫ଲକ୍ଷ ଟଙ୍କାର ଲଟେରି ପାଇଥିବା ନେଇ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ ଏସ୍‌ଏମ୍‌ଏସ୍ ଆସିଥିଲା। ଏପରିକି ଅଭିଯୁକ୍ତମାନେ ତାଙ୍କୁ ଭିଡିଓ କଲ୍ କରି ପ୍ରତି ଏକ ଲକ୍ଷ ଟଙ୍କାରେ ୧ହଜାର ଟଙ୍କା ଲେଖାଏଁ ଜମା କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହାପରେ ଅଶୋକ ସ୍ଥାନୀୟ ଏକ ବ୍ୟାଙ୍କକୁ ଯାଇ ତଦନୁଯାୟୀ ଟଙ୍କା ଜମା କରିବା ଆରମ୍ଭ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀ ସନ୍ଦେହ କରି ଅଶୋକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଅଶୋକ ଲଟେରି କଥା କହିବା ପରେ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଥିଲା ଏବଂ ବ୍ୟାଙ୍କ କର୍ମଚାରୀଙ୍କ ପରାମର୍ଶକ୍ରମେ ଅଶୋକ ସ୍ଥାନୀୟ ପୋଲିସକୁ ଲିଖିତ ଜଣାଇଥିଲେ। ଏହାପରେ ଥାନାଧିକାରୀ ସଙ୍ଗୀତା ମହାପାତ୍ର ବ୍ୟାଙ୍କକୁ ପହଞ୍ଚି ବ୍ୟାଙ୍କ କର୍ମଚାରୀଙ୍କ ସହିତ ଆଲୋଚନା କରି ଆକାଉଣ୍ଟ ବ୍ଲକ କରିବାକୁ ପରାମର୍ଶ ଦେଇଥିଲେ। ତୁରନ୍ତ ଅଶୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ଲକ କରାଯାଇଥିଲା ଏବଂ ଏଭଳି ଏକ ଠକେଇରୁ ଅଶୋକ ରକ୍ଷା ପାଇବା ସହିତ ତାଙ୍କ ଆକାଉଣ୍ଟରେ ଥିବା ୪୦ହଜାର ଟଙ୍କା ଜମାରାଶି ସୁରକ୍ଷିତ ରହିଥିଲା।